ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.236, Bhubaneswar Thursday, October 31, 2019 | ୨୨ତମ ବର୍ଷ ସଂଖ୍ୟା-୨୩୬ ଭୁବନେଶ୍ୱର ଗୁରୁବାର, ଅକ୍ଟୋବର ୩୧, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ନଭେମ୍ବର ୧ରୁ ଖରିଫ୍ ଧାନ ସଂଗ୍ରହ



ଭୁବନେଶ୍ୱର, ୩୦।୧୦(ପି.ଏନ): ଆସନ୍ତା ନଭେମ୍ବର ୧ ତାରିଖ ଠାରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଖରିଫ ଧାନ ସଂଗ୍ରହ କରିବା ପାଇଁ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତି ନିଆଯାଇଛି। ଚଳିତ ବର୍ଷ ୬୦ ଲକ୍ଷ ମାଟ୍ରିକ୍ ଟନ୍ ଧାନ ସଂଗ୍ରହ କରାହେବ। ବୁଧବାର ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଧାନ କିଣା କମିଟି ବୈଠକରେ ଏ ବିଷୟରେ ନିଷ୍ପତି ହୋଇଛି । ଧାନ କିଣା ପାଇଁ କରାଯାଇଥିବା ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କରି ଧାନ କିଣାର ୪୮ ଘଂଟା ମଧ୍ୟରେ ଧାନର ମୂଲ୍ୟ ସଂପୃକ୍ତ ଚାଷୀମାନଙ୍କର ବ୍ୟାଙ୍କ୍ ଖାତାରେ ସିଧାସଳଖ ଜମା କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦକ୍ଷତା ଓ ଭିତିଭୂମି ଭିତିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଧାନ କିଣାରେ ସାମିଲ କରିବା ପାଇଁ ମଧ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ୯ଟି ଜିଲ୍ଲାରେ ପ୍ରାୟ ୧୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରିବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା । ଧାନ କିଣା ପ୍ରକ୍ରିୟାକୁ ମଧ୍ୟସ୍ଥ ଏବଂ ଟ୍ରେଡର ଦଲାଲ ମୁକ୍ତ ରଖିବା ପାଇଁ ଏହାକୁ ସଂପୂର୍ଣ୍ଣ ଭାବେ ଚାଷୀଙ୍କ ଆଧାର ନମ୍ବର ଭିତିକ କରିବାକୁ ବୈଠକରେ ନିଷ୍ପତି ହୋଇଥିଲା । ଏହି ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଶାସନ ସଚିବ ଶ୍ରୀ ବିର ବିକ୍ରମ ଯାଦବ ଜଣାଇଥିଲେ ଯେ ଚଳିତ ବର୍ଷ ଧାନ ବିକ୍ରୀ କରିବା ପାଇଁ ପି-ପାସ୍ ବ୍ୟବସ୍ଥାରେ ପ୍ରାୟ ୧୨.୩୫ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ଚଳିତ ବର୍ଷ ଧାନ କିଣା ନଭେମ୍ବର ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଚାଲିବ। ଧାନ କିଣାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭାଗଚାଷୀ ମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଚଳିତ ଋତୁରେ ୨୬୬୮ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ୍) ଏଥିରେ ସାମିଲ ହେବେ। କ୍ରୟ ପ୍ରକ୍ରିୟାକୁ ମଧ ଅନ୍ ଲାଇନ୍ କରାଯିବ। କେବଳ ନିର୍ଭର ଯୋଗ୍ୟ ଇଂଟରନେଟ୍ ବ୍ୟବସ୍ଥା ନଥିବା ୧୨୫ଟି ପାକ୍ସ୍ ରେ ଅଫ୍-ଲାଇନ୍ ବ୍ୟବସ୍ଥା ରହିବ । ପ୍ରାପ୍ତ ସୂଚନାରୁ ଜଣାପଡିଛି, ଗତ ଋତୁରେ କଳାହାଣ୍ଡି ଜିଲ୍ଲାରେ ୧୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଧାନ କିଣାରେ ପରୀକ୍ଷା ମୂଳକଭାବେ ସାମିଲ କରାଯାଇଥିଲା । ତାହାର ସଫଳତା ଭିତିରେ ଚଳିତ ଋତୁରେ ବରଗଡ, ଭଦ୍ରଖ, ବଲାଙ୍ଗିର, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ନୂଆପଡା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଆଦି ଜିଲ୍ଲାରେ ୧୫୦ ଗୋଷ୍ଠୀଙ୍କୁ ସାମିଲ କରାଯିବ। ବୈଠକରେ ଧାନ କିଣାରେ ଅଂଶଗ୍ରହଣକାରୀ ମିଲର୍ ମାନଙ୍କ ପାଇଁ ସର୍ତାବଳୀ ନିର୍ଦ୍ଧିଷ୍ଟ କରାଯାଇଥିଲା। ପୂର୍ବରୁ ନେଇଥିବା ଧାନ ବାବଦରେ ୧୦୦% ଭାଗ ଚାଉଳ ଦେଇନଥିବା କିମ୍ବା ଯୋଗାଣ ନିଗମର ହିସାବପତ୍ର ବାକି ରଖିଥିବା ମିଲର୍ ମାନଙ୍କୁ ଚଳିତ ଋତୁରେ ଧାନ କିଣିବାକୁ ଅନୁମତି ଦିଆଯିବନାହିଁ । ସର୍ବନିମ୍ନ ସହାୟକ ମୂଲ୍ୟଭାବେ ସାଧାରଣ ଧାନର ମୂଲ୍ୟ କ୍ୱିଂଟାଲ୍ ପିଛା ୧୮୧୫ ଟଙ୍କା ଏବଂ ଏ-ଗ୍ରେଡ୍ ଧାନର ମୂଲ୍ୟ ୧୮୩୫ ଟଙ୍କା ଧାର୍ଯ୍ୟ କରାଯାଇଛି । ଧାନ କିଣା ପାଇଁ ୩୩୧୧ଟି ମଣ୍ଡି, ୨୫୯ଟି ଡିପୋ ଏବଂ ୧୩୦୦ ମିଲରଙ୍କୁ ତାଲିକା ଭୁକ୍ତ କରାଯାଇଛି । ସ୍ୱ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୌରଭ ଗର୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଶାସନ ସଚିବ ଶ୍ରୀ ବିର ବିକ୍ରମ ଯାଦବ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ଶ୍ରୀ ମନୋଜ ମିଶ୍ର ମିଶନ ଶକ୍ତି ନିର୍ଦ୍ଦେଶିକା ଶ୍ରୀମତୀ ସୁଜାତା କାର୍ତିକେୟନ୍ଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ୧୦ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ୧୩ଟି ମେଡ଼ିକାଲ କଲେଜର ଦାୟିତ୍ୱ

ଭୁବନେଶ୍ୱର, ୩୦।୧୦(ପି.ଏନ): ୧୦ ଜଣ ଅତି ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ୧୩ଟି ମେଡ଼ିକାଲ କଲେଜର ସଂଯୋଜକ ଦାୟିତ୍ୱରେ ରଖାଯାଇଛି । ଏ ସମ୍ପର୍କରେ ଏକ ଆଦେଶନାମା ପ୍ରକାଶ ପାଇଛି । ସମ୍ପୃକ୍ତ ଅଧିକାରୀମାନେ ମେଡ଼ିକାଲ କଲେଜ ହସ୍ପିଟାଲର ସାମଗ୍ରିକ ବିକାଶ (ଭିତିଭୂମି), କାର୍ଯ୍ୟାବଳୀ, ଉଚିତ ପ୍ରଦର୍ଶନ ଦିଗରେ ଦୃଷ୍ଟି ଦେବେ । ଉକ୍ତ ଆଦେଶନାମା ଅନୁଯାୟୀ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ସୁରେଶ କୁମାର ମହାପାତ୍ରଙ୍କୁ ସୁନ୍ଦରଗଡ଼ ମେଡ଼କାଲ କଲେଜ ହସ୍ପିଟାଲ ଓ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନିଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚର ଦାୟିତ୍ୱରେ ରଖାଯାଇଛି । କୃଷି ଉତ୍ପାଦ କମିଶନର ପ୍ରଦୀପ କୁମାର ମହାପାତ୍ରଙ୍କୁ ବାଲେଶ୍ୱରସ୍ଥିତ ଫକୀରମୋହନ ମେଡ଼ିକାଲ କଲେଜ ହସ୍ପିଟାଲ ଏବଂ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡ଼ିକାଲ ଆଣ୍ଡ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଥିଲା ବେଳେ ଇସ୍ପାତ ଓ ଖଣି ବିଭାଗର ସଚିବ ତଥା ଅତିରିକ୍ତ ଶାସନ ସଚିବ ରାଜ କୁମାର ଶର୍ମାଙ୍କୁ କେଉଁଝରସ୍ଥିତ ସରକାରୀ ମେଡ଼କାଲ କଲେଜ ଏବଂ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଛି । ଏହା ବ୍ୟତୀତ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ମୋନା ଶର୍ମାଙ୍କୁ ଯାଜପୁର ମେଡ଼ିକାଲ କଲେଜ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଥିଲା ବେଳେ ଇଏସଆଇ ଆଣ୍ଡ ଡବ୍ଲୁ ଆଣ୍ଡ ସିଡ଼ି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କୁ ଅନୁଗୋଳ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଛି । ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଂଜ ବିହାରୀ ଧଳଙ୍କୁ କନ୍ଧମାଳ ମେଡ଼ିକାଲ କଲେଜ ହସ୍ପିଟାଲ, ବଲାଙ୍ଗୀରସ୍ଥିତ ସନ୍ଥ ଭୀମଭୋଇ ମେଡ଼ିକାଲ କଲେଜ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଛି । ଅର୍ଥ ବିଭାଗର ଅଶୋକ କୁମାର ମୀନାଙ୍କୁ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଛି । ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କୁ ମୟୁରଭଂଜସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଥିଲା ବେଳେ ବାଣିଜ୍ୟ ଏବଂ ଶିଳ୍ପ ବିଭାଗର ସଚିବ ହେମନ୍ତ ଶର୍ମାଙ୍କୁ ଭବାନୀପାଟଣାସ୍ଥିତ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଓ ପୂର୍ତ୍ତ ବିଭାଗର ସଚିବ ଡଃ. କିଷନ କୁମାରଙ୍କୁ ପୁରୀ ଶ୍ରୀ ଜଗନ୍ନାଥ ମେଡ଼ିକାଲ କଲେଜ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଛି ।

# କୁଖ୍ୟାତ ଅପରାଧୀ ମାନସ ଗିରଫ

ଜଟଣୀ, ୩୦।୧୦(ପି.ଏନ): ଜଟଣୀ ଅଂଚଳରେ ଆତଙ୍କ ଖେଳାଇଥିବା ଅସାମାଜିକ ଯୁବକ ତଥା କୁଖ୍ୟାତ ଅପରାଧୀ ମାନସ ଓରଫ ରାକେଶ ଦଳେଇକୁ ମଙ୍ଗଳବାର ବିଳମ୍ବିତ ରାତିରେ ଜଟଣୀ ଥାନା ପୁଲିସ ଗିରଫ କରିଥିବା ବେଳେ ବୁଧବାର କୋର୍ଟ ଚାଲାଣ କରିଛି । ପୁଲିସ ସୁଚନାନୁଯାୟୀ, ଜଟଣୀ ଥାନା ଅର୍ନ୍ତଗତ ବଡ ନୂଆଗାଁ ନଟିମଙ୍ଗଳା ସାହିର ମାନସ ଓରଫ ରାକେଶ ଦଳେଇ(୩୮)କୁ ଜଟଣୀ ପୁଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି । ଜଟଣୀ ଅଂଚଳରେ ବିଭିନ୍ନ ସାଧାରଣ ଲୋକମାନଙ୍କ ଠାରୁ ପ୍ରଥମେ ବଟି ଆଦାୟ ଆରମ୍ଭ କରିଥିଲା । କାଳକ୍ରମେ ୨୦୧୨ ମସିହା ଠାରୁ ଅଂଚଳରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ସଂପୃକ୍ତ ନେଇ ଜଟଣୀ ଥାନାରେ ୨୦୧୨ ମସିହା ନଭେମ୍ବର ୫ ତାରିଖରେ ୨୬୮/୧୨ରେ ମାମଲା ରୁଜୁ ହୋଇଥିଲା । ପରବର୍ତି ଅବସ୍ଥାରେ ୨୦୧୩ ମସିହାରେ ୩ଟି ଏବଂ ଖଣ୍ଡଗିରି ଥାନାରେ ୧ ଟି କେଶ, ୧୪ ମସିହାରେ ୧ଟି ସହିତ ଭୁବନେଶ୍ୱର ଏୟାରଫିଲ୍ଡ ଥାନାରେ ୧ଟି, ୧୫ରେ ୧ ଟି, ୧୬ ମସିହାରେ ୪ଟି, ୧୮ ମସିହାରେ ୨ ଟି କେଶ ଏବଂ ୨୦୧୯ ମସିହାରେ ଜଟଣୀ ଥାନାରେ ୨ ଟି କେଶ ହୋଇଥିଲା ବେଳେ ମାଲକାନାଗିରି ସେସନ କୋର୍ଟରେ ୱାରେଂଟି ମାମଲା ରହିଥିଲା । ମାତ୍ର ଗତ ମାସ ୨୨ ତାରିଖରେ ଜଟଣୀ ଥାନା ଅର୍ନ୍ତଗତ ବଡ ନୂଆ ଗାଁ ମୁଖ୍ୟ ରାସ୍ତାରେ ଥିବା ସେକେଣ୍ଡ ୱାଇଫ୍ ନାମକ ଏକ ହୋଟେଲରେ ପସି ଦାଦା ବଟି ମାଗିବା ସହ ଭଂଗା ରୁଜା କରିବା ଘଟଣାରେ ହୋଟେଲର ମ୍ୟାନେଜର ଶ୍ରୀକାନ୍ତ ନାଥ ଜଟଣୀ ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ଜଟଣୀ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ପୁର୍ବରୁ ନିଶା କାରବାରରେ ସଂପୃକ୍ତ ଥିବା ଏନ୍ ଡି ପି ଏସ୍ କେଶ୍ ଓ ଅନ୍ୟାନ୍ୟ ମାମଲା ଆଧାରରେ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ବୋଲି ପୁଲିସ ପକ୍ଷରୁ ସୁଚନା ମିଳିଛି । ସୂଚନାଯେ, ସ୍ଥାନୀୟ ଅଂଚଳରେ ଗୃହ ନିର୍ମାଣ, ବ୍ୟବସାୟ ପ୍ରତିଷ୍ଠାନ ପ୍ରଭୃତି ଖୋଲୁ ଥିବା ଲୋକେ ମାନସକୁ ବଟି ଦେବାକୁ ବାଧ ହେଉଥିବା ଅଭିଯୋଗ କରି ଆସୁଥିଲେ ।

## ରାଜସ୍ୱ ମନ୍ତ୍ରୀଙ୍କ ଅଚାନକ ବେଗୁନିଆ ଗସ୍ତ

ଭୁବନେଶ୍ୱର, ୩୦।୧୦(ପି.ଏନ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ତହସିଲକୁ ଆଜି ଅଚାନକ ଗସ୍ତ କରି ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ । ବସୁନ୍ଧରା ଯୋଜନା ଅନ୍ତର୍ଗତ ଘରଡିହ ପଟ୍ଟା ଆବଂଟନ, ଦାଖଲ ଖାରଜ ମାମଲା ଗୁଡ଼ିକର ଫଇସଲା, ବିଭିନ୍ନ ପ୍ରମାଣପତ୍ର ପ୍ରଦାନ, ସରକାରୀ ଜମି ସୁରକ୍ଷା ଏବଂ କାର୍ଯ୍ୟଧାରାରେ ୫ଟି ର ପ୍ରୟୋଗ ଉପରେ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ମୁଖ୍ୟତଃ ସମୀକ୍ଷା କରିଥିଲେ । ଓଡ଼ିଶା ଜନସେବା ଅଧିକାର ନିର୍ଦ୍ଧାରିତ ସମୟସୀମା ଉପରାନ୍ତେ ୭୭୧ଟି ଦାଖଲ ଖାରଜ ମାମଲା ବକେୟା ରହିଥିବାରୁ ମନ୍ତ୍ରୀ ବିରକ୍ତି ପ୍ରକାଶ କରିବା ସହ ଆସନ୍ତା ଏକ ସପ୍ତାହ ମଧ୍ୟରେ ସମସ୍ତ ବକେୟା ମାମଲାର ଫଇସଲା କରିବା ନିମନ୍ତେ ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷରେ ବସୁନ୍ଧରା ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟ ୪୧ ଥିବା ବେଳେ ବେଗୁନିଆ ତହସିଲରେ ୪୩ଟି ଘରଡିହ ପଟ୍ଟା ବଂଟନ କରାଯାଇଥିବାରୁ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ଏହି ପରିଦର୍ଶନ ଓ ସମୀକ୍ଷା ସମୟରେ ତହସିଲରେ ଉପସ୍ଥିତ ଜନସାଧାରଣଙ୍କ ସହିତ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ମତବିନିମୟ କରିଥିଲେ । ତହସିଲରେ ମିଳୁଥିବା ବିଭିନ୍ନ ସରକାରୀ ସେବା ପ୍ରଦାନରେ ସାଧୁତା ଓ ଆନ୍ତରିକତା ଅବଲମ୍ବନ କରିବା ସହିତ କାୟମନୋବାକ୍ୟରେ ୫ଟି ପ୍ରୟୋଗପୂର୍ବକ ସମୟାନୁବର୍ତୀ ସେବା ଯୋଗାଇଦେବା ପାଇଁ ତହସିଲଦାର ଓ ସମସ୍ତ କର୍ମଚାରୀଙ୍କୁ ସେ ପରାମର୍ଶ ଦେଇଥିଲେ ।

# କେନ୍ଦୁଝର ଗସ୍ତରେ ସିଇସି ଟିମ୍ : ଜିଲ୍ଲାର ବିଭିନ୍ନ ସ୍ଥାନ ବୁଲି ଓମ୍‌ବାର୍ଡସ ଏକାଧିକ ପ୍ରକଳ୍ପର କଲେ ସରଜମିନ ତଦନ୍ତ

କେନ୍ଦୁଝର, ୩୦।୧୦(ପି.ଏନ): ଦୁଇ ଦିନିଆ କେନ୍ଦୁଝର ଗସ୍ତରେ ଆସି ପହଂଚିଛନ୍ତି ସିଇସି ଟିମ୍ । ପି.ଭି.ଜୟକୃଷ୍ଣଙ୍କ ଅଧ୍ୟକ୍ଷତାରେ ସିଇସିର ସମୁଦାୟ ୩ ଜଣ ଓ ଓଡିଶା ଓମ୍‌ବାର୍ଡସି କମିଟିରୁ ତିନି ଜଣ ଏପରି ସର୍ବମୋଟ ୬ଜଣିଆ ଟିମ ମଙ୍ଗଳବାର ରାତି ୮ ଟା ସମୟରେ କେନ୍ଦୁଝର ସର୍କିଟ ହାଉସ ଠାରେ ପହନ୍‌ଚିବା ପରେ ପ୍ରଶାସନିକ ଅଧିକାରୀ ଙ୍କ ସହ ଆଲୋଚନା କରିଥଲେ । ଏହି ଟିମ ବୁଧବାର ସକାଳ ୮ଟା ୪୫ ମିନଟ ସମୟରେ ପ୍ରଥମେ ଓମ୍‌ବାର୍ଡସି ଅର୍ଥରେ ଯୋଡା ସ୍ଥିତ ମିରିଗୀସିଙ୍ଗା ଠାରେ ନିର୍ମିତ ଏକ ଜଳ ପ୍ରକଳ୍ପ ବୁଲି ଦେଖିଥିଲେ । ଏହାପରେ ଏହି ଟିମ ବନ ବିଭାଗର ବିଜେପି ରେଞ୍ଜ ସ୍ଥିତ ନେଚର କ୍ୟାମ୍ପ ଠାରେ ଆମ୍ବଡହରା ଓ ପଥୁରିବାଡି ଆଦି ଅନ୍‌ଚଳର କିଛି ଲୋକ ଙ୍କ ସହ ଆଲୋଚନା କରିଥିଲେ । ଅନ୍‌ଚଳବାସୀ ଅନେକ କିଛି କହିବାକୁ ଓ ଶୁଣିବାକୁ ଚାହୁଁଥଇଲେ ସୁଦ୍ଧା ଟିମ ତାଙ୍କ ସହ ହିନ୍ଦି ଭାଷାରେ କଥା ହେବାରୁ ସେମାନେ କିଛି ବୁଝି ପାରି ନଥିଲେ ବୋଲି ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଏହାପରେ ସିଇସି ଟିମ ବାଂଶପାଳ ବ୍ଲକ ଅନ୍‌ଚଳର ତଳକଇଁସାରୀ ଠାରେ ନିର୍ମିତ ମଡେଲ ଘର ଓ ମମତା ଘର ଆଦି ବୁଲି ଦେଖିଥିଲେ । ସେଠାରେ ଗ୍ରାମବାସୀମାନେ ମାଇନ୍ସ ତଳେ ରହି ସୁଦ୍ଧା ରୋଜଗାର ପାଉ ନାହାନ୍ତି ଏବଂ ବହୁତ କଷ୍ଟ ଓ ଅସୁବିଧା ର ଚଳୁଛନ୍ତି । ଗାଁ ର ପିଲା ମାନେ ବାହାରେ ଯାଇ ଦାଦନ ଖଟୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଆହୁରି ମଧ୍ୟ ଖଣିରୁ ମାଟି ଓ ନିଳି ପାଣି ମାଡିଯାଇ ତାଙ୍କର ଚାଷ ଜମି ନଷ୍ଟ ହୋଇଯିବା ସହ ସେମାନେ ଚାଷ ହରାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଶେଷରେ ଟିମ ଗୋନାସିକା ଅନ୍‌ଚଳରେ ନିର୍ମିତ ଏକ ଲୁଜ ବୋଲଡର ଚେକ ଡ୍ୟାମ ବୁଲି ଦେଖିଥିଲେ । ଶେଷରେ ସନ୍ଧ୍ୟା ସମୟରେ ସିଇସି ଟିମ ସର୍କିଟ ହାଉସ କୁ ଫେରଥିଲା । ଏହାପରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି । ସିଇସି ଟିମ ଏଠାରେ ରାତ୍ରୀ ଯାପନ କରି ଆସନ୍ତା କାଲି ଗୁରୁବାର ଦିନ ମୟୁରଭଞ୍ଜ ଜିଲ୍ଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଏଠାରେ ସୂଚନା ଯୋଗ୍ୟ ଯେ ବେଆଇନ ଖଣି ଖନନ ନେଇ ସୁପ୍ରିମକୋର୍ଟ ଙ୍କ ନିର୍ଦ୍ଦେଶ ରେ ଖଣି ଲିଜଧାରୀଙ୍କ ଠାରୁ ଆଦାୟ କରାଯାଉଥିବା ଜୋରିମାନ ଅର୍ଥ ଓମବାର୍ଡସି କମିଟିର ତତ୍ତ୍ୱାବଧାନରେ ଖର୍ଚ୍ଚ ହେବାର ବ୍ୟବସ୍ଥା ରହିଛି । ଆଉ ବର୍ତମାନ ସୁଦ୍ଧା ଓମ୍‌ବାର୍ଡସି ରେ ୧୭ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରହିଛି । ସେଥିରୁ କେନ୍ଦୁଝର ଜିଲ୍ଲା ଭାଗରେ ୩୬୮୪ କୋଟି ଟଙ୍କା ପଡିଛି । ସେହି ଟଙ୍କାରେ ନିର୍ମିତ କାମର ସରଜମିନ ତଦନ୍ତ କରିବାକୁ ଟିମ ଆସିଥିବା ଜଣା ପଡିଛି ।

## ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବି, ପୁଣି ଅକ୍ଟୋବର ୪ ଯାଏ କୋର୍ଟ ବର୍ଜନ ନିଷ୍ପତି

ଜୟପୁର, ୩୦।୧୦(ପି.ଏନ): ଦୀର୍ଘ ୧୧ ମାସର କୋର୍ଟ ବର୍ଜନ ପରେ ଆସନ୍ତା ୫ ତାରିଖରେ ଓକିଲ ମାନେ କାର୍ଯ୍ୟରେ ଯୋଗଦେବେ । ଅବିଭକ୍ତ କୋରାପୁଟ ଜିଲାରେ ହାଇ କୋର୍ଟ ବେଂଚ ପ୍ରତିଷ୍ଠା ନେଇ ଦୀର୍ଘ ୧୫ ବର୍ଷ ହେବ ଦାବି ହୋଇ ଆସୁଛି । ଏହାକୁ ନେଇ ରାଜ୍ୟ ସରକାର ପାଲ କମିଶନ ଗଠନ କରିଥିଲେ । ଜସଓନ୍ତ ସିଂ ରିପୋର୍ଟ ଅନୁସାରେ ଜୟପୁର ଠାରେ ହାଇକୋର୍ଟ ବେଂଚ ପାଇଁ ସବୁ ସର୍ତ ପୁରଣ କରୁଥିବା କହିଛି । ହାଇକୋର୍ଟ ବେଂଚ ପାଇଁ ଯାହା ଭିତି ଭୁମି ଦରକାର ତାହା ସବୁ ଏଠାରେ ରହିଥିବା ବେଳେ ତୁରନ୍ତ ରାଜ୍ୟ ସରକାର ଏଠାରେ ବେ କରିବା ପାଇଁ କେନ୍ଦ୍ର କୁ ସୁପାରିଶ କରନ୍ତୁ ବୋଲି ସଂଘ ଦାବୀ କରିଛି । ବର୍ତମାନ ମଧ୍ୟ ସରକାର ଗୋଟିଏ କମିଟି ଗଠନ କରିଛନ୍ତି । ସଂଘ ସୁଚନା ଦେଇଛନ୍ତି ଯେ ଓଡିଶାର ଯଦି କେଉଁଠି ହାଇକୋର୍ଟ ବେଂଚ ପ୍ରତିଷ୍ଠା ପାଇଁ ଅନୁକୁଳ ତାହା ହେଉଛି ଜୟପୁର ସହର କାରଣ ଜୟପୁର ସହର ହାଇକୋର୍ଟ ଠାରୁ ୬ ଶହ କି.ମି ଦୁରରେ ରହିଥିବା ବେଳେ ଟ୍ରେନତ ଦୁରର କଥା ସିଧା ସଳଖ ଗୋଟିଏ ବସ ରୁ ୨ ଟି ନାହିଁ । ତେଣୁ ଯାହାର କୁଫଳ ଦାର୍ଘ ବର୍ଷ ହେବ ଅବିଭକ୍ତ କୋରାପୁଟ ଜିଲାର ନିରିହ ଜନସାଧାରଣ ଭୋଗି ଆସୁଛନ୍ତି । ବିଶେଷ କରି ଅଜ୍ଞନତା ହେତୁ ଏ ଅଂଚଳର ବହୁ ଆଦିବାସି ଓ ହରିଜନ ଶ୍ରେଣୀର ଲୋକ ମାନେ ହାଇକୋର୍ଟରେ ମାମଲା ନ ଲଢିପାରି ନିଜ ଅଧିକାର ହରାଇ ବସୁଛନ୍ତି । ଓଡିଶାର ଯେଉଁ ସବୁ ସହର ଗୁଡିକରୁ ହାଇକୋର୍ଟ ବେ ପ୍ରତିଷ୍ଠା ନେଇ ଦାବି ହୋଇ ଆସୁଛି ସେଗୁଡିକ କଟକ ଠାରୁ ଜୟପୁର ଅପେକ୍ଷା ନିକଟରେ ଅଛନ୍ତି । ତେଣୁ ରାଜ୍ୟ ସରକାର ଏହି ପଛୁଆ, ମାଓପ୍ରବଣ, ଗମନା ଗମନ କ୍ଷେତ୍ରରେ ଅବହେଳିତ ଏବଂ ସାକ୍ଷରତା ଦୃଷ୍ଟିରୁ ପଛରେ ରହିଥିବା ଅଂଚଳକୁ ପ୍ରାଧାନ୍ୟ ଦେଇ ଜୟପୁର ଠାରେ ହାଇକୋର୍ଟ ବେ ପ୍ରତିଷ୍ଠା କରିବାକୁ ନିଷ୍ପତି ନିଆଯାଉ ବୋଲି କମିଟି ଦାବୀ କରିଛି । ତେବେ ୧୯୮୧ରେ ଗଠିତ କେନ୍ଦ୍ର ସରକାରଙ୍କ ଯଶବନ୍ତ ସିଂ କମିଶନର ସୁପାରିଶ ଆଧାରରେ ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେ ସ୍ଥାପନ ଦିଗରେ ସମସ୍ତ ସ ପୂରଣ କରୁଛି । କିନ୍ତୁ ଏନେଇ କୌଣସି ସୁଫଳ ମିଳି ପାରିନାହିଁ । ଯାହା ଫଳରେ ଦକ୍ଷିଣ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେ ପ୍ରତିଷ୍ଠା ଦିଗରେ ସରକାର ଶୀଘ୍ର ପ୍ରତିଶୃତି ଦାବିରେ ଓକିଲଙ୍କ ଧର୍ମଘଟ ଜାରି ରହିଥିଲା ।

## ଆଜି ରାଜଭବନ ଘେରିବ କଂଗ୍ରେସ

ଭୁବନେଶ୍ୱର, ୩୦।୧୦(ପି.ଏନ): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ହରିଦାସପୁର ଗ୍ରାମ ପଂଚାୟତର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ରହସ୍ୟର ସିବିଆଇ ତଦନ୍ତ ଦାବିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସନ୍ତାକାଲି (ଗୁରୁବାର) ୧୦ ଘଂଟା ଠାରୁ ଦିବା ୧ ଘଂଟା ପର୍ଯ୍ୟନ୍ତ ରାଜଭବନ ସମ୍ମୁଖରେ ଧାରଣା ଦିଆଯିବା ସହ ପ୍ରତିବାଦ ସଭା ଆୟୋଜନ କରାଯିବ। କାର୍ଯ୍ୟକ୍ରମ ପରେ କଂଗ୍ରେସ ପକ୍ଷରୁ ଏକ ସ୍ମାରକ ପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ। ତଥ୍ୟ ଅନୁଧାନ କମିଟିର ଅଧକ୍ଷ ତଥା ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ବିଧାୟକ ଇଂ. ମହମ୍ମଦ ମୋକିମ୍ ଏ ସଂପର୍କରେ ଜଣାଇଛନ୍ତି ।

# କଂଗ୍ରେସରେ ଉଠିଲା ନିରଂଜନ ବିରୋଧୀ ସ୍ୱର

ଭୁବନେଶ୍ୱର, ୩୦।୧୦(ପି.ଏନ): ନିକଟରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ଓ ଉପନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ପିସିସି ସଭାପତି ନିରଂଜନ ପଟ୍ଟନାୟକଙ୍କୁ ହଟାଇବା ପାଇଁ ଆଜି ପାନ୍ଥ ନିବାସ ଠାରେ ଅସନ୍ତୁଷ୍ଟ ଗୋଷ୍ଠୀ ଏକାଠି ହୋଇଛନ୍ତି । ଏହି ପରାଜୟ ପାଇଁ ସେମାନେ ନିରଂଜନ ପଟ୍ଟନାୟକଙ୍କୁ ଦାୟୀ କରିଛନ୍ତି । ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧିଙ୍କୁ ଭେଟି ଦଳୀୟ ସଂଗଠନକୁ ଶକ୍ତିଶାଳୀ କରିବା ଏବଂ ପିସିସି ସଭାପତି ପରିବର୍ତନ ନେଇ ଦାବି କରିବାକୁ ସେମାନେ ନିଷ୍ପତି ନେଇଛନ୍ତି । ନିରଂଜନଙ୍କ ସ୍ଥାନରେ କଟକ ବିଧାୟକ ମହମ୍ମଦ ମୋକିମ୍ ଙ୍କୁ ସଭାପତି କରିବାକୁ ଆପାତତଃ ନିଷ୍ପତି ହୋଇଛି । କଂଗ୍ରେସ ନେତା ବାପି ସର୍ଖେଲଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିବା ସୂଚନା ମିଳିଛି । ତେବେ ବୈଠକର ନିଷ୍ପତି ସମ୍ପର୍କରେ ବାପି କୌଣସି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି । ପିସିସି ସଭାପତି ଶ୍ରୀ ପଟ୍ଟନାୟକ ପାନ୍ଥ ନିବାସ ବୈଠକ ସମ୍ପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଏହା କଂଗ୍ରେସର ପୁରୁଣା ରୋଗ । ପୁଣି ଥରେ ସେ ରୋଗ ବାହାରିଛି । ନିର୍ବାଚନ ପରେ ସେ ଦଳରୁ ଇସ୍ତଫା ଦେଇଥିଲେ । ମାତ୍ର ତାହା ଗ୍ରହଣ ହେଲା ନାହିଁ । ଉକ୍ତ ବୈଠକରେ ପଦ ପଦବୀ ପାଇନଥିବା ଏବଂ କିଛି ଅସନ୍ତୁଷ୍ଟ କର୍ମୀ ଏକାଠି ହୋଇଛନ୍ତି । ଯାହା କହିବା କଥା ଏଆଇସିସି ନିକଟରେ କୁହନ୍ତୁ । ଏଠି ବୈଠକ କରି ଦଳକୁ ତଳି ତଳାନ୍ତ କରନ୍ତୁ ନାହିଁ । ଯିଏ ସଭାପତି ହେବାକୁ ଚାହୁଁଛନ୍ତି ସେ ଆଗକୁ ଆସନ୍ତୁ , ସେ ସୁପାରିଶ କରିବେ । ସଭାପତି ପଦରେ ରହିବାକୁ ସେ ମଧ୍ୟ ଇଚ୍ଛୁକ ନୁହେଁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ରାଉରକେଲା ଜିଲ୍ଲା କଂଗ୍ରେସରେ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଛି । ଦଳୀୟ ସଂଗଠନକୁ ସଜାଡିବା ପାଇଁ ଦଳର ପର୍ଯ୍ୟବେକ୍ଷକ ଯଜ୍ଞେଶ୍ୱର ବାବୁ ଯାଇଥିବା ବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ଫଳରେ ଆଲୋଚନା ହୋଇପାରିନଥିଲା ।

# ବେଆଇନ୍ ପାର୍କିଂ ଫିର ତଦନ୍ତ ଦାବିରେ ବିଏମସି ଘେରାଉ ନଭେମ୍ବର ୧ରେ

ଭୁବନେଶ୍ୱର, ୩୦।୧୦(ପି.ଏନ): ପ୍ରସ୍ତାବିତ ହୋଲଡିଂ ଟିକସ ବୃଦ୍ଧି ନିଷ୍ପତି ପ୍ରତ୍ୟାହାର ଓ ବିଗତ ୧୦ ବର୍ଷ ଧରି ବି.ଏମ୍.ସି. ପକ୍ଷରୁ ଆଦାୟ ହେଉଥିବା ବେଆଇନ୍ ପାର୍କିଂ ଫିର କ୍ରାଇମ୍‌ବ୍ରାଂଚ ତଦନ୍ତ ଦାବି କରି ସମାଜବାଦୀ ପାର୍ଟି, ସି.ପି.ଆଇ. (ଏମ୍), ସି.ପି.ଆଇ (ଏମ୍-ଏଲ୍) ଲିବରେସନ୍ ଓ ଫରୱାର୍ଡ ବ୍ଲକ ପକ୍ଷରୁ ଆସନ୍ତା ଶୁକ୍ରବାର ୧ ନଭେମ୍ବର ଦିନ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ଘେରାଉ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ୪ ଦଳର ବୈଠକ ଆଜି ଅନୁଷ୍ଠିତ ହୋଇ ଏ ସଂକ୍ରାନ୍ତରେ ନିଷ୍ପତି ହୋଇଛି । ଏହି ବୈଠକରେ ଶ୍ରୀ ବେହେରାଙ୍କ ସମେତ ସମାଜବାଦୀ ପାର୍ଟି ପକ୍ଷରୁ ସୁଦର୍ଶନ ପ୍ରଧାନ, ବିଜୟ ବେହେରା ଓ ସଂଜୟ ନାୟକ, ସି.ପି.ଏମ୍ ପକ୍ଷରୁ ସୁରେଶ ପାଣିଗ୍ରାହୀ, ସାର୍ଲ ମାରାଣ୍ଡି, ସି.ପି.ଆଇ.(ଏମ୍-ଏଲ୍) ଲିବରେସନ୍ ପକ୍ଷରୁ ମହେନ୍ଦ୍ର ପରିଡ଼ା ଓ ଫରୱାର୍ଡ ବ୍ଲକ ପକ୍ଷରୁ ଜ୍ୟୋତିରଂଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି ବୈଠକରେ ଅଂଶଗ୍ରହଣ କରିଥିଲେ ।

# କାଳିଆ ଯୋଜନାରେ ଅନିୟମିତତାକୁ ନେଇ ରାଜ୍ୟ ସରକାରଙ୍କୁ ବିଜେପିର ତିନୋଟି ପ୍ରଶ୍ନ

ଭୁବନେଶ୍ୱର, ୩୦।୧୦(ପି.ଏନ): ଏବେ ରାଜ୍ୟ ସରକାର କାଳିଆ ଯୋଜନାରେ ୨ୟ କିସ୍ତି ଦେବାକୁ ଯାଉଥିବାବେଳେ ବିଜେପି ରାଜ୍ୟ ସରକାରକୁ ପଚାରିଛି ୩ଟି ପ୍ରଶ୍ନ ଓ ସରକାରଙ୍କ ପାଖରେ ରଖିଛି ଗୋଟିଏ ଦାବି । ରାଜ୍ୟ ଉପ ସଭାପତି ସମୀର ମହାନ୍ତି କହିଛନ୍ତି ଯେ ରାଜ୍ୟରେ ସମସ୍ତ କ୍ଷୁଦ୍ର ଚାଷି, ନାମମାତ୍ର ଓ ଭାଗ ଚାଷି, କୃଷି ଶ୍ରମିକଙ୍କୁ ମିଶାଇ ମୋଟ ୭୫ ଲକ୍ଷ ଚାଷିଙ୍କୁ କାଳିଆ ଯୋଜନାରେ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମେ ୨୯, ୨୦୧୯ରେ ୫ମ ପାଳିର ପ୍ରଥମ କ୍ୟାବିନେଟ ବୈଠକରେ ଘୋଷଣା କରିଥିଲେ । କୁଆଡେ ଗଲା ସେ ପ୍ରତିଶୃତି । ଏବେ ସୁଦ୍ଧା ମାତ୍ର ୫୧ ଲକ୍ଷ ଚାଷିଙ୍କୁ କାଳିଆ ଯୋଜନାରେ ଅର୍ଥ ଦିଆଯାଇଛି ବୋଲି ସରକାର କହୁଛନ୍ତି । ବାକି ୨୪ ଲକ୍ଷ ଚାଷୀଙ୍କୁ କେବେ ସରକାର କାଳିଆ ଯୋଜନାରେ ସାମିଲ କରିବେ ସ୍ପଷ୍ଟ କରନ୍ତୁ । ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ କହିଥିଲେ ମୁଁ ବଂଚିଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେନି । ଏବେ ମୁଖ୍ୟମନ୍ତ୍ରୀ କୁହନ୍ତୁ କାଳିଆ ଯୋଜନାରୁ ବଂଚିତ ସେହି ୨୪ ଲକ୍ଷ ଚାଷୀ କେବେ କାଳିଆ ଯୋଜନାରେ ସାମିଲ ହେବେ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ବାରମ୍ବାର ଚାଷୀଙ୍କ ତାଲିକା ମାଗୁଥିବା ବେଳେ ରାଜ୍ୟ ସରକାର କାହିଁକି ତାଲିକା ନଦେଇ ଓଡିଶାର ଚାଷୀମାନଙ୍କୁ ସେମାନଙ୍କର ଅଧିକାରରୁ କାହିଁକି ବଂଚିତ କରୁଛନ୍ତି ? କେନ୍ଦ୍ର ସରକାର ଓଡିଶାର ୪୫ ଲକ୍ଷ ଚାଷୀଙ୍କୁ କିଷାନ ଯୋଜନାରେ ଅର୍ଥ ଦେବା ପାଇଁ ଚାହୁଁଥିବାବେଳେ ରାଜ୍ୟ ସରକାର ମାତ୍ର ୨୨ ଲକ୍ଷ ଚାଷୀଙ୍କ ତାଲିକା ଦେଇଛନ୍ତି । ଏବେ କେନ୍ଦ୍ର ସରକାର ସମସ୍ତ ଚାଷୀଙ୍କୁ କିଷାନରେ ଯାଜନାରେ ସାମିଲ କରିବା ପାଇଁ ସମସ୍ତ ରାଜ୍ୟ ସରକାରଙ୍କୁ କହିଛନ୍ତି । ରାଜ୍ୟ ସରକାର ତୁରନ୍ତ ରାଜ୍ୟର ଚାଷୀଙ୍କ ତାଲିକା କେନ୍ଦ୍ରକୁ ଦିଅନ୍ତୁ ଯାହା ଫଳରେ କେନ୍ଦ୍ରୀୟ ଯୋଜନାର ଓଡିଆ ଚାଷୀ ପାଇପାରିବେ । କାଳିଆ ଯୋଜନାରେ ଅନେକ ବାସ୍ତବ ଚାଷୀଙ୍କୁ ପଇସା ମିଳିନି । ମୋବାଇଲକୁ ମେସେଜ ଆସୁଛି ହେଲେ ବ୍ୟାଙ୍କକୁ ପଇସା ଆସୁନି ଏପ୍ରକାର ଅଭିଯୋଗ ଅଛି । ବାସ୍ତବରେ କେତେ ଚାଷୀଙ୍କୁ କାଳିଆ ଯୋଜନାରେ ପଇସା ମିଳିସାରିଛି ଆଉ କେତେ ଚାଷିଙ୍କୁ ପଇସା ମିଳିବ ତାହା ଆଜି ଯାଏଁ ବି ସରକାର ଠିକ ଭାବେ କହିପାରୁନାହାନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଶ୍ରୀ ମହାନ୍ତି ଦାବି କରିଛନ୍ତି ଯେ ରାଜ୍ୟ ସରକାର କାଳିଆ ଯୋଜନାରେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ଯେ କାଳିଆ ଯୋଜନାରେ ସମୁଦାୟ କେତେ ଚାଷି ଆବେଦନ କରିଥିଲେ, ସରକାର କେତେ ଚାଷୀଙ୍କୁ କାଳିଆ ଯୋଜନାରେ ଅର୍ଥ ଦେଲେ ଆଉ କେତେ ଚାଷିଙ୍କୁ ଆଗାମି ଦିନରେ ଦେବେ ? ବାସ୍ତବରେ କେତେ ଚାଷୀଙ୍କ ବ୍ୟାଙ୍କ ଆକାଉଂଟକୁ ଅର୍ଥ ଯାଇଛି ? ଏହାର ଏକ ଲେଖା ଯୋଖା ହିସାବ ରାଜ୍ୟ ସରକାର ଏକ ଶ୍ୱେତପତ୍ରରେ ପ୍ରକାଶ କରନ୍ତୁ । ଏହି ସାମ୍ବାଦିକ ସମ୍ମିଳନୀରେ କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଓ ଅଧ୍ୟୁଷିତ ସୁନାବେଡା ଅଭୟାରଣ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ନୂଆପଡା, ୩୦।୧୦(ପି.ଏନ): ମାଓ ଅଧ୍ୟୁଷିତ ଅଂଚଳ ଗୁଡିକର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କାର୍ଯ୍ୟକରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଏହିସବୁ ଯୋଜନାର ସଫଳ ରୂପାୟନ ମାଓବାଦୀ ପ୍ରଭାବିତ ଇଲାକା ଗୁଡିକରେ ଦେଖିବାକୁ ମିଳୁନାହିଁ । ନୂଆପଡା ଜିଲ୍ଲା କୋମନା ବ୍ଲକ ମାଓ ଅଧ୍ୟୁଷିତ ସୁନାବେଡା ଅଭୟାରଣ୍ୟକୁ ଦେଖିଲେ ତାହା ସହଜେ ଅନୁମେୟ । ଯେଉଁଠାରେ କି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି । ସେହିଭଳି ଗମନାଗମନ ପାଇଁ ପକ୍କା ରାସ୍ତା, ବିଜୁଳି, ପାନୀୟ ଜଳ ଭଳି ଏକାଧିକ ମୌଳିକ ଅଧିକାରରୁ ବଂଚିତ ଏହି ଅଂଚଳ। ସାଢେ ତିନି ହଜାର ବର୍ଗଫୁଟ କିଲୋମିଟର ଉଚ୍ଚ ପର୍ବତମାଳା ବକ୍ଷରେ ଅବସ୍ଥିତ ମାଓ ଅଧ୍ୟୁଷିତ ସୁନାବେଡା ଅଭୟାରଣ୍ୟ । ଅଭୟାରଣ୍ୟ ଭିତର ଘଂଚ ଜଙ୍ଗଲ ମଧ୍ୟରେ ସୁନାବେଡା ଏବଂ ସୋସେଙ୍ଗ ୨ ଗୋଟି ପଂଚାୟତ ରହିଥିବା ବେଳେ ୩୩ ଗୋଟି ପଡା ଗ୍ରାମ ଏବଂ ୭ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରନ୍ତି । ଏହି ଆଦିମ ଜନଜାତୀଙ୍କ ସ୍ୱାସ୍ଥ୍ୟସେବା ପାଇଁ ସରକାରଙ୍କ ପକ୍ଷରୁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ସୁନାବେଡା ଗ୍ରାମଠାରେ ଦୀର୍ଘବର୍ଷରୁ ପ୍ରତିଷ୍ଠା କରାଯାଇଛି । କାଗଜପତ୍ରରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି । ଏଠିକାର ଲୋକେ ଡାକ୍ତର କିମ୍ବା କୌଣସି ସ୍ୱାସ୍ଥ୍ୟ କର୍ମୀଙ୍କୁ ଠିକରେ ଆସୁଥିବାର ଦେଖିନାହାନ୍ତି । ଯାହାଫଳରେ ସ୍ଥାନୀୟ ଲୋକ ମାନେ ଚିକିତ୍ସା ଅଭାବ ଯୋଗୁଁ ପ୍ରତିବର୍ଷ ମୃତ୍ୟୁବରଣ କରୁଥିବା ଅଭିଯୋଗ କରିଛନ୍ତି । ମାଓ ଅଧ୍ୟୁଷିତ ସୁନାବେଡା ଅଭୟାରଣ୍ୟ ଏବେ ମାଓବାଦୀଙ୍କ କବ୍‌ଜାରେ ରହିଥିବା ବେଳେ ଗୋଟିଏ ପଟେ ଲାଲବାହିନୀର ତାଣ୍ଡବ ଓ ଅନ୍ୟପଟେ ଏସଓଜି ଓ ସିଆରପିଏଫ୍ ଜବାନଙ୍କ ବନ୍ଧୁକ ମୁନ ଏମାନଙ୍କୁ ପ୍ରତି ମୁହୂର୍ତରେ ଭୟର ବାତାବରଣ ସୃଷ୍ଟି କରିଥାଏ । ଏଭଳି ସ୍ଥିତିରେ ସ୍ଥାନୀୟ ଆଦିମ ଜନଜାତୀ ଚକୋଟିଆ-ଭୁଞ୍ଜିଆ-ପହରିଆ ସଂପ୍ରଦାୟର ସରଳ ଲୋକମାନେ ଆତଙ୍କିତ ଜୀବନଯାପନ କରୁଥିବା ଦେଖିବାକୁ ମିଳେ । ଏମାନଙ୍କ ବିକାଶର ଜୀବନଯାତ୍ରା ବହୁ ଦୂରରେ । ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟଜଳ, ପକ୍କା ସଡକ ଏମାନଙ୍କ ପାଇଁ ସାତ ସପନ ପାଲଟିଛି । ସ୍ୱାସ୍ଥ୍ୟସେବା ଏହି ଇଲାକାରେ ସଂପୂର୍ଣ୍ଣ ଠପ୍ ହୋଇପଡିଛି । ଚିକିତ୍ସା ଅଭାବରୁ ପ୍ରତିବର୍ଷ ଲୋକେ ବିଭିନ୍ନ ସଂକ୍ରମଣ ରୋଗରେ ମୃତ୍ୟୁ ମୁଖରେ ପଡୁଛନ୍ତି । ଗାଡି ମୋଟର ଯାତାୟତ ବହୁ କଷ୍ଟ କରୁଥିବାରୁ ଗର୍ଭବତୀ ମହିଳା ମାନେ ନା ନା ଅସୁବିଧା ଭୋଗ କରନ୍ତି । ଗର୍ଭବତି ମା ଓ ଶିଶୁ ମୃତ୍ୟୁହାର ଏଠାରେ ଉଦ୍‌ବେଗ ରହିଛି । ଏଠାକାର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଆବଶ୍ୟକୀୟ ଔଷଧ ମଧ୍ୟ ମହଜୁଦ୍ ନଥିବା ଲୋକେ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ଏହି ଅଂଚଳ ସ୍ୱାସ୍ଥ୍ୟ ସେବା ପ୍ରତି ବିଶେଷ ଧ୍ୟାନ ଦେବାକୁ ସାଧାରଣରେ ଦାବୀ ହେଉଛି ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ôଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ବହୁ ବିବାହ ପାଇଁ ସହଯୋଗ କରୁଛି ୱେବସାଇଟ

ଦ୍ୱିତୀୟ ବିବାହ କିମ୍ବା ବହୁ ବିବାହ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ବ୍ରିଟେନର ଉଦ୍ୟୋଗୀ ୩୩ବର୍ଷିୟ ଆଜାଦ ଚାୟବାଲା ଯେଉଁ ମ୍ୟାଚ ମେକିଂ



ସାଇଟ ଆରମ୍ଭ କରିଛନ୍ତି ତାହା ଏବେ ବଡ଼ ସଫଳତା ଆଡକୁ ଗତି କରୁଛି। ୨୦୧୪ ମସିହାରେ ସେ ସେକେଣ୍ଡୱାଇଫ ଡଟ କମ ୱେବସାଇଟ ଆରମ୍ଭ କରିଥିଲେ। ଆଜାଦଙ୍କ କହିବା ଅନୁସାରେ ମାତ୍ର ଦୁଇବର୍ଷ ମଧ୍ୟରେ ଏହି ୱେବସାଇଟର ସଦସ୍ୟଙ୍କ ସଂଖ୍ୟା ୧ହଜାର ଟପି ଗଲାଣି। ସାଧାରଣତଃ ବ୍ରିଟେନ ଏବଂ ଆମେରିକାରେ ଦ୍ୱିତୀୟ ବିବାହ ଆଇନ ଅନୁଯାୟୀ ଅପରାଧ ହୋଇଥିଲା ବେଳେ ୱେବସାଇଟରେ ଅଧିକ ତାଲିକାଭୁକ୍ତ ସଦସ୍ୟ ହେଉଛନ୍ତି ଏହି ଦୁଇ ଦେଶରା ଭାରତ, ପାକିସ୍ତାନ ଏବଂ ଅନ୍ୟ ଏସିୟ ରାଷ୍ଟ୍ରର ଲୋକେ ମଧ୍ୟ ୱେବସାଇଟରେ ସଦସ୍ୟ ଅଛନ୍ତି। ତେବେ କେତେଜଣ ଏହି ୱେବସାଇଟ ମାଧ୍ୟମରେ ଦ୍ୱିତୀୟ ବିବାହ କିମ୍ବା ବହୁ ବିବାହ କରିଛନ୍ତି ତାହାର ସୂଚନା ଆଜାଦଙ୍କ ନିକଟରେ ନାହିଁ। ତେବେ ସେ କହିଛନ୍ତି ଯେ ମୋତେ ୧୦୦ରୁ ଅଧିକ ପତ୍ର ମିଳିଛି, ଯେଉଁଥିରେ ଲୋକେ ବହୁ ବିବାହ ପାଇଁ ମାର୍ଗ ଦର୍ଶନ ନିମନ୍ତେ ଧନ୍ୟବାଦ ଦେଇଛନ୍ତି। ଆଜାଦଙ୍କ ଯୁକ୍ତି ହେଉଛି ସଂକୀର୍ଣ୍ଣତା, ବେଶ୍ୟାବୃତ୍ତି, ଛାଡପତ୍ର ତଥା ପରିବାର ଭାଙ୍ଗିବାକୁ ରୋକିବା ଦିଗରେ ବହୁ ବିବାହ ଏକ ଭଲ ମାଧ୍ୟମ।

# ବିବାହ ଅପେକ୍ଷା ବ୍ୟାଚଲର ରହିବା ଭଲ



ସମାଜରେ ଲୋକଙ୍କ ଧାରଣା ରହିଛି ଯେ ଅବିବାହିତ ବ୍ୟକ୍ତି ସବୁବେଳେ ଦୁଃଖି। ତା’ର ଜୀବନ ଅଧୁରା ରହିଥାଏ। ଆଉ ବିବାହ ପରେ ହିଁ ସେ ଖୁସି ଜୀବନ ଯାପନକରେ। ତେବେ ନିକଟରେ କରାଯାଇଥିବା ଏକ ଗବେଷଣାରୁ ଯେଉଁ ରିପୋର୍ଟ ମିଳିଛି ତାହା ବ୍ୟାଚଲର ରହୁଥିବା ଯୁବକ/ଯୁବତୀଙ୍କ ପାଇଁ ବଡ଼ ଆଶା ଆଣିଛି। ଆମେରିକାର ଶାନ୍ତା ବାରବରା ପକ୍ଷରୁ କରାଯାଇଥିବା ଅଧ୍ୟୟନରେ ଉଲ୍ଲେଖ କରାଯାଇଛି ଯେ ବିବାହିତ ଲୋକଙ୍କ ତୁଳନାରେ ଅବିବାହିତ ବେଶ ଖୁସି ରୁହନ୍ତି। ସେମାନେ ପରିବାର ବର୍ଗ, ବନ୍ଧୁ ବାନ୍ଧବ, ସାଙ୍ଗସାଥିଙ୍କ ସହ ବେଶ ସମୟ କାଟିପାରୁଥିବା ବେଳେ ନିଜ କର୍ମ କ୍ଷେତ୍ର ଉପରେ ମଧ୍ୟ ଅଧିକ ଦୃଷ୍ଟି ଦେଇଥାନ୍ତି। ପାଖାପାଖି ୮୪୧ଟି ପ୍ରସଙ୍ଗକୁ ନେଇ ଏହି ଗବେଷଣା କରାଯାଇଥିଲା। ଗବେଷଣାରେ କୁହାଯାଇଛି ଯେ ସାଧାରଣତଃ ବିବାହିତ ଲୋକଙ୍କ ସହ ଆମେ ଅବିବାହିତଙ୍କ ତୁଳନା କରିଥାଉ। ହେଲେ କେବେ ଅବିବାହିତଙ୍କ ସହ ବିବାହିତ ଲୋକଙ୍କ ତୁଳନା କରାଯାଇନଥାଏ। ପ୍ରତ୍ୟେକ ଲୋକର ନିଜ ଇଚ୍ଛାରେ ଜିଇଁବାର ଅଧିକାର ରହିଛି ଏବଂ ପ୍ରତ୍ୟେକ ଲୋକ ଏହା ମଧ୍ୟ ଚାହିଁଥାଏ। ହେଲେ ବିବାହ ବନ୍ଧନରେ ଆବଦ୍ଧ ହେବାପରେ ପତ୍ନୀ, ପୁଅ, ଝିଅ, ଶାଶୁ, ଶ୍ୱଶୁର ଓ ନିଜ ପରିବାର ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ବାଧ ହେବାକୁ ପଡେ। ଏହା ନକରିପାରିଲେ ପାରିବାରିକ ଜୀବନ ଅଶାନ୍ତି ହେବାସହ କର୍ମକ୍ଷେତ୍ରରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ।

# ‘ଇତ୍ତେଫାକ’ରେ ସୋନାକ୍ଷୀ



କିଛିଦିନ ପୂର୍ବରୁ ଖବର ମିଳିଥିଲା କି କରନ ଜୋହରଙ୍କ ଧର୍ମା ପ୍ରଡକ୍ସନ ଏବଂ ଶାହାରୁଖଙ୍କ ରେଡ ଚିଲି ପ୍ରଡକ୍ସନ ମିଳିତ ଭାବେ ନିର୍ମାଣ କରୁଛନ୍ତି ଫିଲ୍ମ ’ଇତ୍ତେଫାକ’। ଯାହାକି ୧୯୬୯ରେ ରିଲିଜ ହୋଇଥିବା ରାଜେଶ ଖାନ୍ନା ଏବଂ ନନ୍ଦାଙ୍କ ଅଭିନୀତ ଫିଲ୍ମ ’ଇତ୍ତେଫାକ’ର ରିମେକ ହେବ। ଏଥିରେ ସୋନାକ୍ଷୀଙ୍କୁ ଫିମେଲ ଲିଡ ଭାବେ ଚୟନ କରାଯାଇଛି। ତାଙ୍କ ବିପକ୍ଷରେ ସିଦ୍ଧାର୍ଥ ମଲ୍ଲହୋତ୍ରାଙ୍କୁ ଚୟନ କରାଯାଇଥିବା ଖବରରେ ଶୁଣିବାକୁ ମିଳିଛି। ମାତ୍ର ସିଦ୍ଧାର୍ଥ ଏହି ଖବରକୁ ଖଣ୍ଡନ କରିଛନ୍ତି। ଏହି କେତେ ସତ୍ୟତା ରହିଛି ତାହା ପରେ ଜଣାପଡିବ। ଅନ୍ୟପକ୍ଷରେ କରନ ଫିଲ୍ମ ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି। ଏହା କିପରି ଦର୍ଶକଙ୍କ ଗ୍ରହଣୀୟ ହୋଇପାରିବ ତାଙ୍କୁ ନେଇ ପ୍ରସ୍ତୁତି ଚଳାଇଛନ୍ତି। ସେଥିପାଇଁ ତ ସେ ସୋନାକ୍ଷୀଙ୍କୁ ପୂର୍ବ ଫିଲ୍ମ ଦେଖିବା ପାଇଁ ମନା କରିଦେଇଛନ୍ତି। ଏବଂ ବର୍ତ୍ତମାନର ସ୍କ୍ରିପ୍ଟ ଅନୁଯାୟୀ ନିଜ ଚରିତ୍ରକୁ ନିଭାଇବା ପାଇଁ ପରାମର୍ଶ ଦେଇଛନ୍ତି। ଯାହାଦ୍ୱାରା ଫିଲ୍ମରେ କିଛି ନୂତନତ୍ୱ ନଜର ଆସିବ। ଦେଖାଯାଉ କରନଙ୍କ ଏହି ଯୋଜନା କେତେଦୂର ସଫଳ ହୋଇପାରୁଛି।

# ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ’ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା’ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲସିଙ୍କୁ ଦେଖି ଶାନ୍ତ ହୋଇଯା’ନ୍ତି ।

# ପ୍ରବାଦ ପୁରୁଷ ଆମ୍ବେଦକର



୧୮୯୧ ମସିହା ଏପ୍ରିଲ ୧୪ ତାରିଖରେ ଉନ୍ଦୋର ନିକଟସ୍ଥ ମାହୁ ନାମକ ଗ୍ରାମରେ ପ୍ରବାଦ ପୁରୁଷ ଆମ୍ବେଦକର ଜନ୍ମ ଲାଭ କରିଥିଲେ। ସେ ଏକାଧାରାରେ ଜଣେ, ବାଗ୍ମୀ, ସମାଜ ସଂସ୍କାରକ, ଆଇନଜ୍ଞ ତଥା ରାଜନେତା ଥିଲେ। ଆମ୍ବେଦକର ଦଳିତ ହରିଜନ ମାନଙ୍କ ଉନ୍ନତି ପାଇଁ ଏତେ ପ୍ରଚେଷ୍ଟା କରିଥିଲେ ଯାହା ତାଙ୍କ ଜୀବନବ୍ୟାପି ଆନ୍ଦୋଳନ ସାକ୍ଷୀ ଦିଏ। ଏଭଳିକି ଦଳିତ ମାନଙ୍କ ପାଇଁ ରାଜନୈତିକ ସଂରକ୍ଷଣ ବ୍ୟବସ୍ଥା ଉପରେ ଆମ୍ବେଦକରକ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଦୃଢ଼ ଦାବି ଜଣାଇଥିଲେ। ଏହି ବ୍ୟବସ୍ଥାକୁ ଗାନ୍ଧୀଜୀ ଘୋର ବିରୋଧ କରିବାରୁ ତାହା ସେତିକିରେ ବନ୍ଦ ଥିଲା। ସେ ହରିଜନମାନଙ୍କୁ ସାଧାରଣ ଅଧିକାରରୁ ବଞ୍ଚିତ ହେବାକୁ ଦେଉନଥିଲେ। ସବୁ କ୍ଷେତ୍ରରେ ହରିଜନଙ୍କୁ ଅନ୍ୟ ମାନଙ୍କ ପରି ସମାନ ଅଧିକାର ଦେବା ପାଇଁ ସେ ଲଢ଼େଇ କରିଥିଲେ। ସରକାରୀ ଚାକିରିରେ ମଧ୍ୟ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଇଥିଲେ। ପରେ ପରେ ଏସ୍ସି ଓ ଏସ୍ଟିଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଇଥିଲେ। ଦେଶ ସ୍ୱାଧୀନ ହେବାପରେ ସଂବିଧାନ ପ୍ରସ୍ତୁତି କରିବା କାର୍ଯ୍ୟ ପାଇଁ ତାଙ୍କୁ ଦାୟିତ୍ୱ ତାଙ୍କୁ ଦିଆଯାଇଥିଲଶ। ସେ ଦେଶର ଆଇନ ମନ୍ତ୍ରୀ ଥିଲେ। ସେତେବେଳେ ହରିଜନ ଓ ଦଳିତ ଜନଜାତିର ଲୋକଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ତାଙ୍କରି ନେତୃତ୍ୱରେ ସଂବିଧାନିକ ସଭା ଗ୍ରହଣ କରିଥିଲେ। ଏହି ବ୍ୟବସ୍ଥା ଏପର୍ଯ୍ୟନ୍ତ ରହିଛି ଏବଂ ଇତି ମଧ୍ୟରେ ଦଳିତ ଓ ଅନୁସୂଚିତ ଜାତିର ଲୋକମାନଙ୍କର ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଅନେକ ଉନ୍ନତି ହୋଇଛି। ଗାନ୍ଧିଜୀ ଓ ଆମ୍ବେଦକରଙ୍କ ପ୍ରଚେଷ୍ଟାରୁ ଅସ୍ପୃଶ୍ୟତା ମଧ୍ୟ ଉଠାଇ ଦିଆଯାଇଥିଲା। ଭାରତୀୟ ସମ୍ବିଧାନରେ ପ୍ରଣେୟତା, ଦଳିତ ଜାତିର ମୁକ୍ତିଦାତା ଡକ୍ଟର ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଯୋଗୁଁ ଦଳିତ ମାନଙ୍କ ଆକାଶରେ ଏକ ଦୀପ୍ତିମାନ ସୂର୍ଯ୍ୟର ଆର୍ବିଭାବ ହୋଇଥିଲା। ଏହି ମହାନ ବ୍ୟକ୍ତିତ୍ୱର ଅବସାନ ଘଟିଥିଲା ୧୯୫୬ ମସିହା ଡିସେମ୍ବର ୬ ତାରିଖରେ ମାତ୍ର ୬୫ ବର୍ଷ ବୟସରେ।




# ସୂକ୍ଷ୍ମ ମାନସର ପ୍ରଗତି



ଶ୍ରୀରାମକୃଷ୍ଣ ଥିଲେ ଜଣେ ଐତିହାସିକ ମହାପୁରୁଷ ତଥା ଅବତାରବରିଷ୍ଠ ଯିଏକି ଯୁଗ ସନ୍ଧିକ୍ଷଣରେ ଆବିର୍ଭାବ ହୋଇଥିଲେ। ତାଙ୍କର ଯୌବନକାଳରୁ ମହାସମାଧି ପର୍ଯ୍ୟନ୍ତ ଅପୂର୍ବ ଦିବ୍ୟଜୀବନ ଆରମ୍ଭ ହୋଇଥିଲା ବ୍ରିଟିଶ ଅମଳର ରାଜଧାନୀ କଲିକତାରେ। ଶ୍ରୀରାମକୃଷ୍ଣଙ୍କୁ କେନ୍ଦ୍ର କରି ଯେଉଁ ଭାବ ଆନ୍ଦୋଳନ ସୃଷ୍ଟି ହୋଇଥିଲା; ତାହା ଥିଲା ଆଧ୍ୟାତ୍ମିକ ଆନ୍ଦୋଳନ। ଏହାଦ୍ୱାରା ସମାଜର ବହୁ କଲ୍ୟାଣ ସାଧିତ ହୋଇଥିଲା, ଏବେ ହେଉଛି ଏବଂ ଭବିଷ୍ୟତରେ ମଧ୍ୟ ହେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।



ତେବେ ଏହି ଭାବ ଆନ୍ଦୋଳନକୁ ବହୁ ସ୍ଥାନରେ ବହୁ ସନ୍ନ୍ୟାସୀମାନେ ଆଗେଇ ନେଇଥିଲେ ଏବଂ ଏବେ ମଧ୍ୟ ନେଉଛନ୍ତି। ଏହି ଭୂବନେଶ୍ୱର ଏକ ପ୍ରାଚୀନ ଶୈବତୀର୍ଥ। ଶ୍ରୀରାମକୃଷ୍ଣଙ୍କର ମାନସପୁତ୍ର ସ୍ୱାମୀ ବ୍ରହ୍ମାନନ୍ଦ "ରାଜା ମହାରାଜ'' ଏହି ଶିବକ୍ଷେତକୁ 'ଗୁପ୍ତକାଶୀ' ବୋଲି କହିଥିଲେ। ସେ ଯେତେବେଳେ ଭୁବନେଶ୍ୱରରେ ରହିଥିଲେ ସେତେବେଳେ ଏଠାକାର ଜଳବାୟୁ ଓ ତୀର୍ଥମାହାତ୍ମ୍ୟ ଅନୁଭବ କରି ଗୋଟିଏ ମଠ ପ୍ରତିଷ୍ଠା କରିବାକୁ ମନସ୍ଥ କରି କୃତକାର୍ଯ୍ୟ ହୋଇଥିଲେ, ଯାହାକି 'ଶ୍ରୀରାମକୃଷ୍ଣ ମଠ' ନାମରେ ପରିଚିତ।

ସ୍ୱାମୀ ବିବେକାନନ୍ଦ କହନ୍ତି "ଭାରତବର୍ଷ ପୁଣ୍ୟ ଭୂମି''। ଏହା ଅଗଣିତ ତୀର୍ଥ କ୍ଷେତ୍ରରେ ପରିପୂର୍ଣ୍ଣ। ବହୁସ୍ଥାନ ପବିତ୍ର ତୀର୍ଥ ସ୍ଥାନର ଅଭିବ୍ୟକ୍ତ ହେଲେ କଅଣ ହେବ? କେତେଜଣ ବା ଏହାକୁ ଅନୁଭବ କରନ୍ତି। ସଂସାରୀ ଲୋକଙ୍କର ସୀମିତ ବୁଦ୍ଧି, ସୀମିତ ଦୃଷ୍ଟି ଯୋଗୁଁ କୌଣସି ସ୍ଥାନର ମହତ୍ତ୍ୱ ନିର୍ଣ୍ଣୟ କରିପାରନ୍ତି ନାହିଁ। ଯେହେତୁ ସ୍ୱାମୀ ବ୍ରହ୍ମାନନ୍ଦ ଜଣେ ଉଚ୍ଚକୋଟୀର ତ୍ୟାଗୀ ପୁରୁଷ ଥିଲେ, ତେଣୁ ସେ ଏହି ସ୍ଥାନର ମହତ୍ତ୍ୱ ବୁଝିପାରିଥିଲେ ଓ ତାଙ୍କର ଆଧ୍ୟାତ୍ମିକ ଶକ୍ତିର ପ୍ରାବଲ୍ୟତା ଯୋଗୁଁ ଏହି ମଠ ସ୍ଥାପିତ ହୋଇପାରିଥିଲା। ଏହି ମଠଟି ବେଲୁଡ଼ ମଠର ସର୍ବପ୍ରଥମ ଶାଖା କେନ୍ଦ୍ର। ତେବେ ଲିଙ୍ଗରାଜ ମହାପ୍ରଭୁ ଶିବକ୍ଷେତ୍ର ଭୁନେଶ୍ୱରର ପ୍ରଧାନ ଦେବତା ଓ ତାଙ୍କର ସମ୍ମୁଖ ରାସ୍ତାରେ ଶ୍ରୀଶ୍ରୀ ସାରଦା ମଠ ଓ ମନ୍ଦିରର ଅନତି ଦୂରରେ ଉତ୍ତର ଦିଗରେ ଶ୍ରୀରାମକୃଷ୍ଣ ମଠ ଅବସ୍ଥିତ। ବେଲୁଡ଼ସ୍ଥିତ ରାମକୃଷ୍ଣ ମଠର ପ୍ରଥମ ପ୍ରେସିଡେଣ୍ଟ ସ୍ୱାମୀ ବ୍ରହ୍ମାନନ୍ଦ ୧୯୧୭ ମସିହା ମେ ମାସରେ ଏହି ଶିବକ୍ଷେତ୍ରକୁ ଆସିବା ପରେ ନିଜର ଆଧ୍ୟାତ୍ମିକ ଶକ୍ତିଦ୍ୱାରା ଏହି ତୀର୍ଥର ମାହାତ୍ମ୍ୟ ବୁଝିପାରିଥିଲେ ଓ ଭୁବନେଶ୍ୱର ଦେଉଳ ବଙ୍ଗଳାରେ ରହିବା ସମୟରେ ସେହି ସ୍ଥାନର ଆଧ୍ୟାତ୍ମିକ ପରିବେଶ ଓ ଜଳବାୟୁ ଖୁବ ସ୍ୱାସ୍ଥ୍ୟକର ଲାଗିଥିଲା। ପୁନଶ୍ଚ ଶ୍ରୀରାମକୃଷ୍ଣଙ୍କର ଲୀଳା ସଂଗୀନୀ ଓ ସହଧର୍ମିଣୀ ଶ୍ରୀଶ୍ରୀମା ସାରଦାଦେବୀଙ୍କ ମୁଖରୁ ମଧ୍ୟ ଏହି ତୀର୍ଥର ମହିମା ଶୁଣି ଏହି ସ୍ଥାନରେ ଗୋଟିଏ ମଠ ସ୍ଥାପନ ନିମନ୍ତେ ଦୃଢ଼ ସଙ୍କଳ୍ପବଦ୍ଧ ହୋଇଉଠି ତାଙ୍କର ସେବକ ସ୍ୱାମୀ ଶଙ୍କରାନନ୍ଦଙ୍କୁ ଏହି କାର୍ଯ୍ୟର ଦାୟିତ୍ୱ ଦେଇଥିଲେ।

୧୯୧୭ ମସିହା ଜୁଲାଇ ମାସ ୧୭ ତାରିଖ ଦିନ ସ୍ଥାନ ନିର୍ବାଚନ କରି ମାତ୍ର ୪୦୦ ଟଙ୍କାରେ ଶ୍ରୀ ଦୀନବନ୍ଧୁ ପଣ୍ଡାଙ୍କ ପୁତ୍ର କୃପାସିନ୍ଧୁ ପଣ୍ଡାଙ୍କଠାରୁ କ୍ରୟ କରାଯାଇ ଜୁଲାଇ ମାସ ୨୫ ତାରିଖ ଦିନ ରେଜେଷ୍ଟ୍ରୀଭୁକ୍ତ ହୋଇଥିଲା। ସ୍ୱାମୀ ବ୍ରହ୍ମାନନ୍ଦଙ୍କ ନିର୍ଦ୍ଦେଶରେ ସ୍ୱାମୀ ଶଙ୍କରାନନ୍ଦ ତାଙ୍କର କର୍ମକୁଶଳିତା ଦ୍ୱାରା ପରିକଳ୍ପନା ଅନୁଯାୟୀ ୨ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ କରିଥିଲେ। ଏହି ନିର୍ମାଣରେ ରାଜ ମିସ୍ତ୍ରୀ ଥିଲେ ଭଗବାନ ମହାରଣା। ସେ ଏହି କାର୍ଯ୍ୟଟିକୁ ପୂଜା ହିସାବରେ ଗ୍ରହଣ କରି ପ୍ରତିଟି ସ୍ଥାନରେ ତାଙ୍କର ସୌନ୍ଦର୍ଯ୍ୟବୋଧତା (asthetic sense)ର ପରାକାଷ୍ଠା ଦେଖାଇଥିବାରୁ ରାଜା ମହାରାଜା ଖୁବ ପ୍ରଶଂସା କରିଥିଲେ ଏବଂ ଉପହାର ସ୍ୱରୂପ ତାଙ୍କୁ ଗୋଟିଏ ରୌପ୍ୟ ପଦକ ଉପହାର ଦେଇଥିଲେ। ଏହି ପ୍ରକାର ଭଲପାଇବାର ଆକର୍ଷଣ ଯୋଗୁଁ ୧୯୨୪ ମସିହାରେ ଭଗବାନ ମହାରଣା ରାଜାମହାରାଜଙ୍କ ନିକଟରେ ବ୍ରହ୍ମଚାରୀ ଭାବରେ ଯୋଗଦାନ କରି ୧୯୩୭ ମସିହାରେ ତାଙ୍କ ନିକଟରୁ ସନ୍ନ୍ୟାସ ବ୍ରତ ଗ୍ରହଣ କରି ତାଙ୍କର ସେବାରେ ଜୀବନ ବିତାଇଥିଲେ। ତାଙ୍କର ନାମ ଥିଲା ନିତ୍ୟସିଦ୍ଧାନନ୍ଦ।

୧୯୧୯ ମସିହା ଅକ୍ଟୋବର ମାସ ୩୧ ତାରିଖ ଦିନ ବେଲୁଡ଼ ମଠର ନିର୍ଦ୍ଦେଶ କ୍ରମେ ଏହି ମଠର ଦ୍ୱାର ଉଦ୍‌ଘାଟନୀ ଦିବସଟି, ପୂଜା, ହୋମ ପାଠ, ଭୋଗାଳତି ଇତ୍ୟାଦି ସହ ଶ୍ରୀରାମକୃଷ୍ଣଙ୍କ ଫଟୋଚିତ୍ର ସ୍ଥାପନ ହୋଇ ମହାସମାରୋହରେ ପାଳିତ ହୋଇଥିଲା। ଏହି ଦିନ ମଠରେ ଦରିଦ୍ରନାରାୟଣ ସେବା ମଧ୍ୟ ହୋଇଥିଲା। ପ୍ରଥମେ ଚାରୋଟି କକ୍ଷ ସହ ମଝିରେ ହଲ ଘରଟିଏ ଥିଲା। ପ୍ରଥମେ ଠାକୁର ତଳ ମହଲାରେ ରହୁଥିଲେ ଓ ରାଜାମହାରାଜ ଦକ୍ଷିଣ ଦିଗର ବାରଣ୍ଡାର ପଶ୍ଚିମ ପଟ ଘରେ ରହୁଥିଲେ। ପ୍ରଥମେ ଫଳ ମିଷ୍ଟାନ୍ନ ଭୋଗ ହେଉଥିଲା।

ବିଶେଷ କରି ମଠଟି ୧୯୧୯ ମସିହା ଅକ୍ଟୋବର ୩୧ ତାରିଖ ଦିନ ପ୍ରତିଷ୍ଠା ହେବା ପରେ ରାଜା ମହାରାଜ ନିଜେ ସୌନ୍ଦର୍ଯ୍ୟବୋଧତାରେ ବର୍ଦ୍ଧିତ ହୋଇପଡ଼ିଥିଲେ। ତାଙ୍କର ଜୀବନ ଇତିହାସରୁ ଜଣାପଡ଼ିଥିଲା ଯେ ସଦ୍ୟ-ପ୍ରସ୍ଫୁଟିତ ପୁଷ୍ପରାଶି ଦର୍ଶନ କରି ସେ କାଶୀ, ବାଙ୍ଗାଲୋର-ମହୀଶୂର ପ୍ରଭୃତି ସ୍ଥାନରେ ସମାଧିମଗ୍ନ ହୋଇଥିଲେ। ଯେଉଁ ସମୟରେ ସେ ସମାଧିମଗ୍ନ ହୋଇଥିଲେ, ତାଙ୍କର ବକ୍ତବ୍ୟ ଥିଲା—ବଣର ବୃକ୍ଷଲତାଦି ନିଜ ମଧ୍ୟରେ ବିଷ୍ଣୁଙ୍କୁ ବ୍ୟକ୍ତ କରିବାକୁ ହିଁ ସତେଯେପରି ଫୁଲ ଫଳରେ ଭରି ଉଠିଛନ୍ତି ଏବଂ ଫୁଲ ଫଳ ଭାରରେ ଅବନତ ଓ ପ୍ରେମରେ ପୁଲକିତ ହୋଇ ମଧୁବର୍ଷଣ କରୁଛନ୍ତି। ପ୍ରାକୃତିକ ଶ୍ୟାମଳ-ସୌନ୍ଦର୍ଯ୍ୟପ୍ରିୟ ରାଜା-ମହାରାଜ ତାଙ୍କ ନିଜ ହାତରେ ଗଢ଼ା ଭୂବନେଶ୍ୱର ମଠକୁ ଫୁଲଫଳ ଦେଇ ତପୋବନରେ ପରିଣତ କରିବା ନିମନ୍ତେ ଦକ୍ଷିଣ ଭାରତ ଓ ଉତ୍ତର ଭାରତର ବିଶେଷ ବିଶେଷ ସ୍ଥାନରୁ ବିଭିନ୍ନ ପ୍ରକାରର ଫୁଲଫଳ ଗଛର ଚାରା ଆଣି ରୋପଣ କରିଥିଲେ। ଭୁବନେଶ୍ୱର ପାହାଡ଼ିଆ ଜାଗା ଜାଣି ସ୍ୱାମୀ ଶଙ୍କରାନନ୍ଦ ତଦାନୀନ୍ତନ ଆଧୁନିକ ପଦ୍ଧତି ଅବଲମ୍ବନ କରି ଅଏଲ ଇଞ୍ଜିନ (oil engine) ସାହାଯ୍ୟରେ କୂଅରୁ ପାଣି ଉତ୍ତୋଳନ କରି ଲୌହ ନଳ ସାହାଯ୍ୟରେ ଉଦ୍ୟାନର ସର୍ବତ୍ର ଜଳସେଚନର ବ୍ୟବସ୍ଥା କରିଦେଇଥିବାରୁ ଅଳ୍ପ କେତୋଟି ଦିନ ମଧ୍ୟରେ ଭୁବନେଶ୍ୱର ମଠ-ଫଳ, ଫୁଲ ଓ ବୃକ୍ଷଲତାମାନଙ୍କରେ ଶ୍ୟାମଳ ସୌନ୍ଦର୍ଯ୍ୟରେ ସୁଶୋଭିତ ହୋଇଉଠି ପବିତ୍ର ଆଧ୍ୟାତ୍ମିକ ଭାବରେ ପରିସ୍ଫୁଟ ହୋଇ ତୀର୍ଥସ୍ଥଳରେ ପରିଣତ ହୋଇପଡ଼ିଥିଲା। ତାଙ୍କ ମତରେ ବୃକ୍ଷରୋପଣ ଓ ବୃକ୍ଷଗୁଡ଼ିକରୁ ଯତ୍ନ ସହକାରେ ବଢ଼ାଇବା ଏକ ଉତ୍ତମ ବ୍ୟକ୍ତିତ୍ୱର ପରିଚୟ। କାରଣ ସେ କହୁଥିଲେ ବୃକ୍ଷଟିଏ ଜୀବିତ ହେଉ ବା ମୃତ ହେଉ ସର୍ବଦା ଆମର କାର୍ଯ୍ୟରେ ଲାଗି ଉପକାର ହିଁ କରୁଥାଏ। ବୃକ୍ଷର ପତ୍ର, ଫୁଲ, ଚେର, ଛେଲି ସବୁକିଛି କାର୍ଯ୍ୟରେ ଲାଗେ, ବୃକ୍ଷର ମୃତ୍ୟୁ ପରେ ତାର କାଠରେ ଆମେ ନାନା ପ୍ରକାର ଆସବାବପତ୍ର, ତଥା ମହାପ୍ରଭୁ ସ୍ୱୟଂ ନିଜେ ଓ ରଥର ଚକ, କାଗଜ, ଗୃହ, ନୌକା ସବୁକିଛି ପ୍ରାୟ ତିଆରି ହୁଏ। ଏପରିକି ମନୁଷ୍ୟର ମୃତ୍ୟୁ ପରେ ମଧ୍ୟ ମନୁଷ୍ୟ ଜଗତ ବୃକ୍ଷ ଜଗତକୁ ଲୋଡ଼ିଥାଏ। ବିଶେଷ କରି ଏହା କାହାରି ଅପକାର ନକରି ଉପକାର ହିଁ କରିଥାଏ। ସେହି ଅଞ୍ଚଳରେ ଥିବା ହିଂସ୍ରଜନ୍ତୁମାନଙ୍କ ଉପଦ୍ରବରୁ ମଠବାସୀଙ୍କୁ ନିରାପଦରେ ରଖିବା ନିମନ୍ତେ ଉଚ୍ଚ-ସୁଦୃଢ଼ ପ୍ରାଚୀର ସହ ଏକ ବିଶାଳକାୟ ଫାଟକ ମଧ୍ୟ ନିର୍ମାଣ କରାଇଥିଲେ। ପରେ ୧୯୯୪-୯୫ ମସିହାରେ ଦ୍ୱିତଳ ପ୍ରାସାଦ ତିଆରି ହୋଇ ଶ୍ରୀରାମକୃଷ୍ଣଙ୍କ ମାର୍ବଲ-ପ୍ରତିକୃତି ୧୯୯୬ ମସିହା ମେ ମାସ ୩ ତାରିଖ ବୁଦ୍ଧପୂର୍ଣ୍ଣିମା ଦିନ ସ୍ୱାମୀ ରଙ୍ଗନାଥାନନ୍ଦଜୀଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା।

୧୯୧୯ ମସିହାରେ ମଠଟି ପ୍ରତିଷ୍ଠା ହେବା ପରେ ସ୍ଥାନୀୟ ଲୋକଙ୍କର ଅନ୍ନାଭାବ ଓ ଚିକିତ୍ସାର ଅଭାବ ଲକ୍ଷ୍ୟ କରି ଗୋଟିଏ ସାହାଯ୍ୟ କେନ୍ଦ୍ର ଓ ଔଷଧ କେନ୍ଦ୍ର ଖୋଲିଦେଇ କେତେଜଣ ଶିଷ୍ୟ ଓ ସେବକମାନଙ୍କୁ ନିଯୁକ୍ତ କରାଇ 'ସେବାଯୋଗ' କାର୍ଯ୍ୟର ମୂଳଦୁଆ ପକାଇଥିଲେ।



୧୯୨୦ ମସିହାରେ ଔଷଧ ବିତରଣ ବିଭାଗଟିକୁ ସ୍ଥାୟୀ କରାଇଦେଇଥିବା ଭୁବନେଶ୍ୱରସ୍ଥିତ ଆଖ ପାଖ ଗ୍ରାମର ଲୋକେ ବିଶେଷ ଭାବରେ ଉପକୃତ ହୋଇଥିଲେ। ଏହି ଔଷଧ କେନ୍ଦ୍ର ସହ ମାଗଣା ସ୍ୱାସ୍ୟ ପରୀକ୍ଷା ଅଦ୍ୟାବଧି ବିଶିଷ୍ଟ ଡାକ୍ତରମାନଙ୍କ ଦ୍ୱାରା ସାରାବର୍ଷ ପରିଚାଳିତ ହୁଏ।

ଏତଦ୍‌ବ୍ୟତୀତ ୧୯୯୨ ମସିହା ପରଠାରୁ ଏକ ଭ୍ରାମ୍ୟମାଣ ଚିକିତ୍ସା ଶିବିର ବିଭିନ୍ନ ଆଖପାଖ ଗ୍ରାମାଞ୍ଚଳକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ ସହ ପୁନର୍ବାର ଡାକ୍ତରମାନେ ତନଖି କରିଆସନ୍ତି। ୧୯୦୮ ମସିହାରେ ଚିଲିକାଠାରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବେଲୁଡ଼ମଠ ତରଫରୁ ସେବାକାର୍ଯ୍ୟ ଆରମ୍ଭ ହୋଇଥିଲା। ତା ପରଠାରୁ ବନ୍ୟା, ବାତ୍ୟା ଇତ୍ୟାଦି ସମୟରେ ଭୁବନେଶ୍ୱର ରାମକୃଷ୍ଣ ମଠ ଏହିପରି ତ୍ରାଣକାର୍ଯ୍ୟ ପ୍ରଥମେ ହିଁ କରିଥାଏ।

ଏହି ମଠ ୧୯୩୦ ମସିହାରେ ରାମକୃଷ୍ଣ ମଠ ଓ ମିଶନ ନାମରେ ସ୍ୱୀକୃତ ଲାଭ କରିବା ପରେ ୧୯୩୩ ମସିହାରେ ମଠର ଅପର ପାର୍ଶ୍ୱରେ ଗୋଟିଏ ଅବୈତନିକ ପ୍ରାଥମିକ ବିଦ୍ୟାଳୟ ଖୋଲିଥିଲା। ପରେ ରାମକୃଷ୍ଣ-ବିବେକାନନ୍ଦ ମଧ୍ୟଇଂରାଜୀ ବିଦ୍ୟାଳୟରେ ପରିଣତ ହେଲା। ୨୦୦୪-୦୫ ବିବେକାନନ୍ଦଙ୍କ ଜନ୍ମଶତବାର୍ଷିକୀରେ ଏହି ସ୍କୁଲଟି ହାଇସ୍କୁଲରେ ପରିଣତ ହୋଇପାରିଛି। ଏଠାରେ ପିଲାଙ୍କୁ ସିଲାବସ ପାଠ୍ୟକ୍ରମ ସହ ନୈତିକ ଶିକ୍ଷା (Moral teachings), ଖେଳକୁଦ (sports), ସାଂସ୍କୃତିକ କାର୍ଯ୍ୟକ୍ରମ (Cultural Programe)ରେ ଉତ୍ସାହିତ କରାଯାଏ। ଗତବର୍ଷ ଏହି ସ୍କୁଲର ମାଟ୍ରିକ ଛାତ୍ରଛାତ୍ରୀଙ୍କ ଫଳାଫଳ ମଧ୍ୟ ଥିଲା ଅତି ଉଚ୍ଚକୋଟୀର।

୧୯୯୪-୯୫ ମସିହାରୁ ୯ ବର୍ଷରୁ ୧୫ ବର୍ଷ ଯାଏ ଆଦିବାସୀ ଅଞ୍ଚଳର ପ୍ରାୟ ୬୦ ଜଣ ପିଲାଙ୍କ ନିମନ୍ତେ ଗୋଟିଏ ଛାତ୍ରାବାସ (Student's Home) ଗଢ଼ାଯାଇଛି ଓ ଏହାର ନାମ 'ବ୍ରହ୍ମାନନ୍ଦ-ଛାତ୍ରାବାସ'। ଏଠାରେ ପିଲାମାନଙ୍କ ନିମନ୍ତେ ମାଗଣାରେ ରହିବା ଓ ଖାଇବାର ବନ୍ଦୋବସ୍ତ ଅଛି। ଏହି ପିଲାମାନେ ନିଜର ଯୋଗ୍ୟତାନୁଯାୟୀ ଭୁବନେଶ୍ୱରର ବିଭିନ୍ନ ସ୍କୁଲରେ ପାଠ ପଢ଼ନ୍ତି। ଏଠାରେ କୋଚିଙ୍ଗ କ୍ଲାସର ମଧ୍ୟ ସୁବିଧା ରହିଛି।

୧୯୩୯-୪୦ ମସିହାରେ ଏଠାରେ ଗୋଟିଏ ପାଠାଗାର କଳ୍ପିତ ହୋଇ ୧୯୪୦ ମସିହାରେ ସ୍ୱାମୀ ଗୋବିନ୍ଦାନନ୍ଦଙ୍କ ଦ୍ୱାରା କ୍ଷୀରୋଦଚନ୍ଦ୍ର ଦେ ନାମକ ବ୍ୟକ୍ତିଙ୍କ ଠାରୁ କିଛି ଜମି କିଣାଯାଇ ପାଠାଗାର ନିର୍ମିତ ହୋଇ ୧୯୫୬ ମସିହାରେ ଏହା କାର୍ଯ୍ୟକାରୀ ହୋଇଥିଲା। ୧୯୬୩ ମସିହାରୁ ପାଠଗାରଟି 'ରାମକୃଷ୍ଣ ମିଶନ ବବେକାନନ୍ଦ ଲାଇବ୍ରେରୀ' ନାମରେ ପରିଚିତ ହୋଇଆସୁଛି। ରାମକୃଷ୍ଣ ମଠ ମିଶନର ଏକାଦଶ ସଭାପତି ସ୍ୱାମୀ ଗମ୍ଭୀରାନନ୍ଦଜୀ ମହାରାଜ ଏହି ପାଠାଗାରଟିକୁ ଉଦ୍‌ଘାଟନ କରିଥିଲେ। ୧୯୬୮ ମସିହାରେ ଏହା ନବନିର୍ମିତ ଗୃହକୁ ସ୍ଥାନାନ୍ତରିତ ହୋଇଥିଲା। ଏହି ପାଠାଗାରରେ ପିଲାଙ୍କ ନିମନ୍ତେ sepcial audio visual materiale ବ୍ୟବସ୍ଥା ରହିଛି ଓ ଏଥିରେ ୨୮,୦୦୦ ପୁସ୍ତକ ରହିଛି। ଏତଦ୍‌ବ୍ୟତୀତ ସ୍କୁଲ/କଲେଜର ଛାତ୍ର-ଛାତ୍ରୀମାନଙ୍କ ନିମନ୍ତେ ୧୮ ଖବରକାଗଜ, ୪୫ଟି ମ୍ୟାଗାଜିନ ଓ ୧୦ଟି କାଳକ୍ରମିକ ପତ୍ରିକା ମଗାଯାଏ। ତାଦ୍ୱାରା ପିଲାମାନେ ବିଶେଷଭାବରେ ଉପକୃତ ହୁଅନ୍ତି।

ଏହି ସେଣ୍ଟରର ଏକ ପ୍ରକାଶକରଣ ଏକକ ରହିଛି। ଯେଉଁଠାରେ କି ପୁସ୍ତକଗୁଡ଼ିକର ପ୍ରଚ୍ଛଦପଟ୍ଟ ଡିଜାଇନ ସହ ପୁସ୍ତକ ଛାପିବାର ବ୍ୟବସ୍ଥା ରହିଛି। ଏହାଦ୍ୱାରା ଶ୍ରୀରାମକୃଷ୍ଣ ବିବେକାନନ୍ଦ ଓ ମା' ସାରଦାଦେବୀଙ୍କର ସାହିତ୍ୟକୁ ଓଡ଼ିଆରେ ଅନୁବାଦ କରାଯାଇ ଛପାଯାଏ। ଯଦ୍ୱାରା ଓଡ଼ିଶାବାସୀଙ୍କ ମଧ୍ୟକୁ ଶ୍ରୀରାମକୃଷ୍ଣଙ୍କ ଭାବଧାରା ପ୍ରଶମିତ ହୋଇପାରୁଛି। ଏହି ମଠରେ ମଧ୍ୟ ଏକ ବିକ୍ରୟ କେନ୍ଦ୍ର ରହିଛି; ଯେଉଁଠାରେ ରାମକୃଷ୍ଣ ବିବେକାନନ୍ଦ ସାହିତ୍ୟ ଓ କ୍ୟାସେଟ, ସିଡ଼ି, କ୍ୟାଲେଣ୍ଡର, ଲକେଟ ବିକ୍ରୟ କରାଯାଏ।

ରାଜାମହାରାଜ ଥରେ ଇଚ୍ଛାପ୍ରକାଶ କରିଥିଲେ ଯେ ଭୁବନେଶ୍ୱର ମଠ ତରଫରୁ ରାମକୃଷ୍ଣ-ବିବେକାନନ୍ଦଙ୍କ ସାହିତ୍ୟ ଓଡ଼ିଆ ଭାଷାରେ ପ୍ରକାଶିତ ହେଉ। ତାଙ୍କର ଏହି ସଦିଚ୍ଛା ପୂରଣ କରିଥିଲେ ସ୍ୱାମୀ ଶଙ୍କରାନନ୍ଦଙ୍କର ଜଣେ ଶିଷ୍ୟ। ୧୯୮୯ ମସିହାରୁ 'ବିବେକପ୍ରଭା' ନାମକ ଏକ ଅଧ୍ୟାତ୍ମିକ ପତ୍ରିକା କଟକ ପ୍ରାଇଭେଟ ଶାଖାରୁ ବାହାରୁ ଥିଲା, ପରିଶେଷରେ ୨୦୧୪ ମସିହା ଡିସେମ୍ବର ମାସରୁ ଏହା ଭୁବନେଶ୍ୱର ମଠରୁ ପ୍ରକାଶିତ ହୁଏ ଏବଂ ଏହାର ଗ୍ରାହକ ୨୦୦୦ରୁ ଊର୍ଦ୍ଧ୍ୱ। ଏଥିରେ ଠାକୁର, ମା, ସ୍ୱାମୀଜୀଙ୍କ ସାହିତ୍ୟ ବ୍ୟତୀତ ଓଡ଼ିଶାର ସଂସ୍କୃତି ମଧ୍ୟ ପ୍ରକାଶିତ ହୁଏ। ସମୟାନୁକ୍ରମେ ବେଲୁଡ଼ମଠର ନିର୍ଦ୍ଦେଶାନୁଯାୟୀ କଟକ ଓ ଭୁବନେଶ୍ୱରର ୫୦ଟି ସ୍କୁଲରେ Sustained Grade Value Orientation Programme କରାଯାଇ ପିଲାଙ୍କ ମଧ୍ୟରେ ବ୍ୟକ୍ତିତ୍ୱରବିକାଶ ସହ ନୈତିକ ମୂଲ୍ୟବୋଧ ବିଷୟରେ ଶିକ୍ଷା ଦିଆଯାଇଥିଲା। ଏତଦ୍ ବ୍ୟତୀତ ଆର୍ଥିକ ଅନାଟନ ଥିବା ଲୋକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଖାଦ୍ୟ ପୁଡ଼ିଆ ଓ କମ୍ବଳ ବଣ୍ଟନ ମଧ୍ୟ କରାଯାଏ।

ରାଜାମହାରାଜ ଥିଲେ ମହାନ ତ୍ୟାଗୀ—ତାଙ୍କ ମତରେ ତ୍ୟାଗ ବିନା ଶାନ୍ତି ନାହିଁ କି ସୁଖ ମଧ୍ୟ ନାହିଁ। ତେଣୁ ନିଜର କଲ୍ୟାଣ ନିମନ୍ତେ ନିଜର ସର୍ବସ୍ୱ ତ୍ୟାଗ କର। ପଶୁପ୍ରବୃତ୍ତିକୁ ଦୂରେଇ ଦେଇ ମନୁଷ୍ୟ ରୂପେ ନିଜକୁ ଆଗେଇନିଅ, ସବୁକିଛି ଛାଡ଼ି ତାଙ୍କୁ ଅବଲମ୍ବନ କର। କିନ୍ତୁ ଲୋକଦେଖାଣିଆ ତ୍ୟାଗରେ କୌଣସି ସୁଖ ନାହିଁ ବରଂ ସେଥିରେ ଅପକାର ହୁଏ, ତେଣୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଭଗବାନଙ୍କ ନିକଟରେ ଯିଏ ଅର୍ପଣ କରେ ସେ ହିଁ ଅସଲ ତ୍ୟାଗୀ—

ପ୍ରକୃତରେ ରାଜାମହାରାଜଙ୍କର ମାନସ ଯନ୍ତ୍ରଟି ଖୁବ ସୂକ୍ଷ୍ମ ଥିଲା। ଆଗାମୀ ଦିନଗୁଡ଼ିକରେ ଏହି ମଠରେ ଥିବା ସାଧୁ ସନ୍ନ୍ୟାସୀମାନେ କିପରି ଆଧ୍ୟାତ୍ମିକ ପରିବେଶ ପାଇ ଲୋକକଲ୍ୟାଣକାରୀ କାର୍ଯ୍ୟ କରିପାରିବେ, ସେଥିପାଇଁ ତାଙ୍କର ଦିବ୍ୟଭାବ ଦେଇ ଅତି ସୂକ୍ଷ୍ମାତିସୂକ୍ଷ୍ମ ବିଷୟଗୁଡ଼ିକ ମନରୂପୀ ରାଡ଼ାରରେ ଧରିପାରିଥିଲେ। ତେଣୁ ଏଠାରେ ସୁନ୍ଦର ଭାବରେ ସାଧନ, ଭଜନ, ପୂଜା ପାଠସହ ବହୁଜନହିତାୟ ବହୁଜନସୁଖାୟ କାର୍ଯ୍ୟଗୁଡ଼ିକ ହେଉଛି ଓ ଏହା ଯେ ସ୍ୱାମୀ ବ୍ରହ୍ମାନନ୍ଦ, ତାଙ୍କର ସୂକ୍ଷ୍ମ ଦେହରେ କରାଇନେଉଛନ୍ତି, ଏକଥା କହିଲେ ଅତ୍ୟୁକ୍ତି ହେବ ନାହିଁ।

**—ଡକ୍ଟର ପ୍ରଭାତୀ ମିତ୍ର, ରାସବିହାରୀମଠ ଲେନ୍, ତେଲେଙ୍ଗାବଜାର, କଟକ-୭୫୩୦୦୯**

# ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ



ଦେଶସେବା, ସମାଜସେବାର ଅନନ୍ୟ ଉଦାହରଣ ହେଉଛନ୍ତି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍। ନିଜର ଦୃଢ଼ତା, ଆତ୍ମବଳ, ସଂକଳ୍ପଶକ୍ତି, ନିଷ୍ଠା, ଅଟଳ ନିର୍ଣ୍ଣୟ ଶକ୍ତି, ଦୃଢ଼ ବିଶ୍ୱାସ, ସାହସ, ପୌରୁଷ ଏବଂ କାର୍ଯ୍ୟ ପ୍ରତି ଆଗ୍ରହ କାରଣରୁ ହିଁ ସେ ଲୌହପୁରୁଷ ନାମରେ ପରିଚିତ। ସେ କମ୍ କଥା କହୁଥିଲେ ଅଧିକ କାମ କରୁଥିଲେ। ସେ କେବଳ ସଚ୍ଚା ରାଷ୍ଟ୍ର ଭକ୍ତ ନଥିଲେ, ବରଂ ଭାରତୀୟ ସଂସ୍କୃତିର ମହାନ ସମର୍ଥକ ଥିଲେ। ସରଳ ଜୀବନ, ଉଚ୍ଚ ବିଚାର, ସ୍ୱାଭିମାନ, ଦେଶ ପ୍ରତି ଅନୁରାଗ ତାଙ୍କର ଆଦର୍ଶ। ସ୍ୱତନ୍ତ୍ରତା ପ୍ରାପ୍ତି ପୂର୍ବରୁ ୫୬୨ଟି ଛୋଟ ବଡ ଅଞ୍ଚଳ ରାଜ୍ୟର ବିଳୟ ଭାରତବର୍ଷରେ କରି ଭାରତୀୟ ସଂଘ ଗଠନ କରିବାରେ ତାଙ୍କର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ୩୧ ଅକ୍ଟୋବର ୧୮୭୫ ମସିହାରେ ଗୁଜୁରାଟର ଏକ ସାଧାରଣ କୃଷକ ପରିବାରରେ ହୋଇଥିଲା। ତାଙ୍କ ପିତା ଝବେରଭାଇ ଜଣେ ମହାନ୍ ଦେଶଭକ୍ତ ଥିଲେ। ଦେଶଭକ୍ତିର ଆଦର୍ଶ ସେ ପିତାଙ୍କଠାରୁ ଶିଖିଥିଲେ। ବଲ୍ଲଭ ଭାଇ ପିଲାଦିନରୁ ହିଁ ନିଡ଼ର ଥିଲେ। କୁହାଯାଏ ଯେ, ସେ ଯେତେବେଳେ ସ୍କୁଲରେ ପଢୁଥିଲେ, ସେ ଦେଖିଲେ ଯେ ଶିକ୍ଷକ ନିଜେ କରିଥିବା ଦୋକାନରୁ ବହି କିଣିବାକୁ ପିଲାମାନଙ୍କୁ ବାଧ୍ୟ କରୁଥିଲେ। ଏହା ଦେଖି ପଟେଲ ପିଲାମାନଙ୍କୁ ସଂଗଠିତ କରି ହରତାଳ କରି ଶିକ୍ଷକଙ୍କ ସେପରି କାର୍ଯ୍ୟକୁ ବନ୍ଦ କରିଥିଲେ। ପଟେଲଙ୍କ ଭାଇ ବିଲେ ପଢିବା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଲେ, ସେତେବେଳେ ପଟେଲ ନିଜର କଲେଜ ପଢ଼ିବା କଥା ଆଉ ଭାବିଲେନି। ଓକିଲାତି ପରୀକ୍ଷା ଦେବାପରେ ସେ ଯେତେ ଟଙ୍କା ଏକାଠି କଲେ, ସେହି ଟଙ୍କାରେ ଓକିଲାତି ପରୀକ୍ଷାରେ ୧୯୧୦ ମସିହାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ। ସେହିଥର ପରୀକ୍ଷାରେ ଭଲ ମାର୍କ ଆଣିବା ଯୋଗୁଁ ସାଢେ ସାତ ଶହ ଟଙ୍କା ପୁରସ୍କାର ମିଳିଲା ଏବଂ ଫିସ୍‌ରୁ ମଧ୍ୟ ମୁକ୍ତ କରି ଦିଆଗଲା। ସେ ଇଂଲଣ୍ଡରୁ ଆସି ଓକିଲାତି ଆରମ୍ଭ କରିଥିଲେ। ସର୍ଦ୍ଦାର ପଟେଲ ଦେଶର ସକ୍ରିୟ ରାଜନୀତିରେ ୧୯୧୭ ମସିହାରେ ଯୋଗ ଦେଲେ। ଜାଲିଆନାୱାଲ୍‌ବାଗ୍ ହତ୍ୟାକାଣ୍ଡରେ ଯେତେବେଳେ ନରସଂହାର ହେଲା, ସେତେବେଳେ ସେ ଓକିଲାତି ତ୍ୟାଗ କଲେ। ବିଦ୍ୟାର୍ଥୀଙ୍କ ପଢ଼ିବା ନିମନ୍ତେ ରାଷ୍ଟ୍ରୀୟ ଶିକ୍ଷା ପ୍ରଦାନ ଲାଗି କାଶୀ ବିଦ୍ୟାପୀଠକୁ ସହଯୋଗ ନିମନ୍ତେ ବର୍ମା ଯାଇ ଦଶ ଲକ୍ଷ ଟଙ୍କା ଏକତ୍ର କଲେ।

ଯେତେବେଳେ ନାଗପୁରରେ ସିଭିଲ ଲାଇନ୍ସରେ ରାଷ୍ଟ୍ରୀୟ ପତାକା ସହ ଧାରଣା, ଗୋଷ୍ଠୀ ବାହାରିବା ଉପରେ ପ୍ରତିବନ୍ଧକ ଥିଲା, ସେତେବେଳେ ପଟେଲ ଏହାକୁ ଖାତିର ନକରି ବ୍ରିଟିଶ୍ ବିରୁଦ୍ଧରେ ଲଢ଼ି ସେଠାକାର ଅଧିବାସୀଙ୍କୁ ମୁକ୍ତି ଦେଇଥିଲେ। ୧୯୨୦ ମସିହାରେ ମହାତ୍ମାଗାନ୍ଧୀଙ୍କ ସତ୍ୟାଗ୍ରହ ଆନ୍ଦୋଳନରେ ପ୍ରଭାବିତ ହୋଇ ବର୍ଦ୍ଦୋଲୀ ଗଲେ। ସେଠାରେ ସ୍ୱଦେଶୀ ଆନ୍ଦୋଳନ ସହ ମଦ ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇଲେ।

ପଟେଲ କୃଷକଙ୍କୁ ଡାକି କହିଲେ, "ଏହି ରାସ୍ତା ଅତି କଠିନ ଓ ସଂଘର୍ଷରେ ପୂର୍ଣ୍ଣ। ସରକାର ବନ୍ଧୁକ ଅସ୍ତ୍ରଶସ୍ତ୍ର ଆଦି ଶକ୍ତିରେ ପରିପୂର୍ଣ୍ଣ। ଯଦି ସେହି ହତିଆରକୁ ଓ ନିର୍ଦ୍ଦୟୀ ବିଦେଶୀ ଶକ୍ତିର ପ୍ରହାରକୁ ସହ୍ୟ କରିପାରିବ, ତେବେ ଆଗକୁ ବଢ଼। ଅପମାନିତ ଜୀବନଠାରୁ ସ୍ୱାଭିମାନ ଯୁକ୍ତି ସ୍ୱତନ୍ତ୍ରତାଯୁକ୍ତ ଜୀବନ ଶ୍ରେଷ୍ଠ। ଯେତେ କଷ୍ଟ ଅସୁବିଧା ଆସୁ, ମୁଁ ଆପଣଙ୍କ ସହ ଅଛି।"

ବର୍ଦ୍ଦୋଲୀରେ ୭୫ଟି ଗାଁର ନେତୃତ୍ୱ ନେଇ ସର୍ଦ୍ଦାର ପଟେଲ ଇଂରେଜ ସରକାରଙ୍କୁ ନିଜ ଶକ୍ତି ଓ କୃଷକଙ୍କ ଆତ୍ମବଳ ଦେଖାଇଦେଲେ। ସାରା ଦେଶରେ ଆନ୍ଦୋଳନ ବ୍ୟାପିଲା ଓ ଇଂରେଜ ମଧ୍ୟ ଡରିଲେ।

୧୯୩୦ ମସିହାରେ ଲବଣ ସତ୍ୟାଗ୍ରହକୁ ସଫଳ କରିବା ପଛରେ ପଟେଲଙ୍କ ଯୋଗଦାନ ଥିଲା। ନେହେରୁଙ୍କ ଗିରଫଦାରୀ ପରେ ପଟେଲ କଂଗ୍ରେସର ଅଧ୍ୟକ୍ଷ ଭାବେ କାର୍ଯ୍ୟ ସମ୍ଭାଳିଲେ। ସେ ଇଂରେଜ ବିରୁଦ୍ଧରେ ଲଢ଼ି ବହୁବାର ଜେଲ୍ ଯାଇଥିଲେ। ୧୭ ନଭେମ୍ବର ୧୯୪୦ ମସିହାରେ ସତ୍ୟାଗ୍ରହ ଘୋଷଣା ପରେ ଇଂରେଜ ସରକାର ଘାବରେଇ ଯାଇ ପୁଣି ତାଙ୍କୁ ଜେଲ୍ ପଠାଇଦେଲେ।

ଅନ୍ତ୍ରନଳୀ ରୋଗରେ ପିଡିତ ହୋଇ ମଧ୍ୟ ସେ କାର୍ଯ୍ୟକ୍ଷେତ୍ରରୁ ବିରତ ହୋଇନଥିଲେ। ଭାରତଛାଡ ଆନ୍ଦୋଳନ ବେଳେ ଜନତା, ପତ୍ରକାର, କ୍ରାନ୍ତିକାରୀ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ୧୯୪୬ ମସିହାରେ ଯେତେବେଳେ ଅସ୍ଥାୟୀ ସରକାର ତିଆରି ହେଲା ପଟେଲ ଗୃହମନ୍ତ୍ରୀ ଭାବେ ନିଯୁକ୍ତ ହୋଇ ଭାରତ ବିଭାଜନ ବିରୁଦ୍ଧରେ ଲଢ଼ି ଗମ୍ଭୀର ସମସ୍ୟାକୁ ଦୃଢ଼ଭାବେ ସମ୍ମୁଖୀନ କରୁଥିଲେ।

ହାଇଦ୍ରାବାଦ୍ ନିଜାମଙ୍କୁ ମଧ୍ୟ ଉଚିତ୍ ଶିକ୍ଷା ଦେଲେ। ନିଜାମ୍ ଘୋଷଣା କଲେ, "ଯଦି ଭାରତୀୟ ଫୌଜ ହାଇଦ୍ରାବାଦ୍‌ରେ ପ୍ରବେଶ କରିବ ତେବେ ଦେଢ଼ କୋଟି ହିନ୍ଦୁଙ୍କ ହାଡ ମିଳିବ।" ଏହାର ଜବାବରେ ପଟେଲ ଭାରତୀୟ ସୈନ୍ୟ ପ୍ରେରଣ କରି ତିନିଦିନରେ ନିଜାମଙ୍କ ସୈନିକଙ୍କୁ ପରାସ୍ତ କରି ହାଇଦ୍ରାବାଦ୍ ଭାରତରେ ମିଶ୍ରଣ ପାଇଁ ପଥ ପରିଷ୍କାର କରିଦେଲେ। ଏହି ଘଟଣା ଘଟିଥିଲା୧୯୪୯ ମସିହା ଫେବୃୟାରୀରେ। ହାଇଦରାବାଦ୍ ନିଜାମ ବାଧ୍ୟ ହୋଇ ସର୍ଦ୍ଦାର ପଟେଲଙ୍କୁ ସ୍ୱାଗତ କରି ହାଇଦ୍ରାବାଦ୍‌କୁ ଭାରତ ସହ ମିଶାଇବାକୁ ସମ୍ମତି ପ୍ରଦାନ କଲେ। ସେ ସୋମନାଥ ମନ୍ଦିରର ପୁନଃନିର୍ମାଣ କରିଥିଲେ। ପଟେଲ ଓ ନେହେରୁଙ୍କ ବିଚାରରେ କିଛି ଫରକ ଥିଲା ତଥାପି ନିଜର ବୈଶିଷ୍ଟ୍ୟପୂର୍ଣ୍ଣ ଗୁଣ ଯୋଗୁଁ ପଟେଲ ଅତି ଲୋକପ୍ରିୟ ଥିଲେ।

ଏହି ଲୌହମାନବଙ୍କୁ ସମ୍ମାନ ଜଣାଇବା ନିମନ୍ତେ ଗତବର୍ଷ ଅକ୍ଟୋବର ୩୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କଦ୍ୱାରା ଗୁଜୁରାଟର ନର୍ମଦା ନଦୀ କୂଳରେ ବିଶ୍ୱର ସବୁଠାରୁ ଉଚ୍ଚମୂର୍ତ୍ତି (୧୮୨ ମିଟର) ରୂପେ ତାଙ୍କ ମୂର୍ତ୍ତି ଉଦ୍‌ଘାଟିତ ହୋଇଥିଲା। ବିଶ୍ୱର ଏହି ଲୌହ ମାନବଙ୍କ ଏହି ମୂର୍ତ୍ତିକୁ ଷ୍ଟେଚ୍ୟୁ ଅଫ୍ ୟୁନିଟି ନାମରେ ନାମିତ କରାଯାଇଛି। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଏହି ସ୍ଥାନରେ ଥିବା ଲୌହ ମାନବଙ୍କୁ ଦର୍ଶନ କରିବାକୁ ଆସୁଛନ୍ତି। **—ସ୍ମିତା ନାୟକ, ଭଞ୍ଜନଗର, ଗଞ୍ଜାମ**

## ବିପ୍ଲବୀ ଧରଣୀଧରଙ୍କ ସ୍ମୃତିଚାରଣ ସହ ସଫେଇ କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଜୟଦେବ ବିହାରସ୍ଥିତ ମହାନ ବିପ୍ଲବୀ, ଶିକ୍ଷାବିତ୍ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତ୍ତିସ୍ଥଳଠାରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ସ୍ମୃତିଚାରଣ ସହ ଏହାର ଚତୁଃପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ, ଚିନ୍ତକ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରି କହିଥିଲେ ଯେ, ବିପ୍ଲବୀ ଧରଣୀଧର ଥିଲେ କେନ୍ଦୁଝର ମାଟିର ସୁଯୋଗ୍ୟ ସନ୍ତାନ। ବ୍ରିଟିଶ୍ ଶାସନ ବିରୋଧରେ ସଂଗ୍ରାମ ଜାରି ରଖି ଅବହେଳିତ, ଶୋଷିତ, ନିଷ୍ପେସିତମାନଙ୍କ ପାଇଁ ସର୍ବଦା ସଂଗ୍ରାମ ଓ ସ୍ୱର ଉତ୍ତୋଳନ କରୁଥିଲେ। ତାଙ୍କର କୀର୍ତ୍ତି ଓ କୃତୀ ସମ୍ବନ୍ଧରେ ଆଜିର ଯବପିଢୀ ନିହାତି ଜାଣିବାର ଆବଶ୍ୟକତା ରହିଛି। ତେଣୁ ସରକାର ଯେଉଁଠାରେ ପ୍ରତିମୂର୍ତ୍ତିମାନ ପ୍ରତିଷ୍ଠା କରୁଛନ୍ତି ସେଠାରେ ଫଳକରେ ସେହି ବରେଣ୍ୟମାନଙ୍କର କୃତୀ ବିଷୟରେ ଉଲ୍ଲେଖ କରନ୍ତୁ। ଫଳରେ ଯେକୌଣସି ବ୍ୟକ୍ତିବିଶେଷ ସେସବୁକୁ ପଢି ତାଙ୍କ ଜୀବନୀ ବିଷୟରେ ସବିଶେଷ ଜ୍ଞାନ ଆହରଣ କରିପାରିବେ। ଏହି ଅଭିଯାନରେ ଆବାହକ କିଶନ ବରାଇ ଓ ଯୁଗ୍ମ ସଂଯୋଜକ ନାରାୟଣ ଚନ୍ଦ୍ର ଓଝାଙ୍କ ସମେତ ସୀତାବଲ୍ଲଭ ମହାପାତ୍ର, ନିରଞ୍ଜନ ସାହୁ, କୈଳାସ ମୁଦୁଲି, ସୀତାଂଶୁ ଶେଖର ମହାରଣା, ମନୋରଞ୍ଜନ, ଲକ୍ଷ୍ମଣ ଦାସ, ବୁଦ୍ଧିମାନ ନାୟକ, ବି. ମୁରଲୀଧର, ରବୀନ୍ଦ୍ରନାଥ କର, ଭୁବନେଶ୍ୱର ମିଶ୍ର, ସଂଗ୍ରାମ ବଳିୟାର ସିଂ, ସମିତା ମହାରଣା, ମିତ କୌର, ବିଶ୍ୱଜିତ୍ ବେହେରା, ଶିବ ପଣ୍ଡା, ଶରତ ରାଉତ, ନିଳମଣୀ ମିଶ୍ର, ତନ୍ମୟ ସାମନ୍ତରାୟ ଓ ମଦନମୋହନ ପାଢୀ ପ୍ରମୁଖ ସାମିଲ ହୋଇଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୧୯, ଅକ୍ଟୋବର ୩୧

# ନିରନ୍ତର ବିକାଶରେ ସ୍ୱାସ୍ଥ୍ୟର ଭୂମିକା !

ଦେଶର ରାଜ୍ୟସମୂହ ପାଇଁ ନୀତି ଆୟୋଗ ଯେଉଁ ସ୍ୱାସ୍ଥ୍ୟସୂଚୀ ପ୍ରବର୍ତ୍ତନ ବ୍ୟବସ୍ଥା କରିଛନ୍ତି ତାହାର ଉଦ୍ଦେଶ୍ୟ ଆପାତତଃ ଭଲ ଜଣାପଡୁଛି । ଏହାର ଲକ୍ଷ୍ୟ ହେଲା ସ୍ୱାସ୍ଥ୍ୟ ସୂଚକାଙ୍କକୁ ମାନଦଣ୍ଡ କରି ବିଭିନ୍ନ ରାଜ୍ୟର ପ୍ରଦର୍ଶନକୁ ମାପିବାସହ ସେମାନଙ୍କର ର୍ୟାଙ୍କ ବା ସ୍ଥାନ ନିରୂପଣ କରିବା । ଭାରତର ଅର୍ଥନୈତିକ ବିକାଶ ପ୍ରକ୍ରିୟା ସହିତ ସାମାଜିକ ବିକାଶ ତାଳ ମିଳାଇ ଆଗେଇ ପାରୁନାହିଁ । ଏହି ଅସଂଗତିକୁ ଦୂର କରିବା ପାଇଁ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଏବଂ ପରିମାପକ ଭାବେ ବ୍ୟବହାର କରିବାର ପରିକଳ୍ପନା ଭଲ । ଉଦ୍ଦେଶ୍ୟ ହେଲା ଏହି ସ୍ୱାସ୍ଥ୍ୟସୂଚକାଙ୍କକୁ ବିଚାରକୁ ନେଇ ଗୋଟିଏ ରାଜ୍ୟର ପ୍ରଦର୍ଶନ ଓ ତଦାରଖ ବ୍ୟବସ୍ଥାକୁ ମାପିହେବ । ଭଲ ପ୍ରଦର୍ଶନ ପାଇଁ ପ୍ରୋତ୍ସାହନ ଦେଇହେବ । ତେଣୁ ଗୋଟିଏ ମାନକ ଧାର୍ଯ୍ୟକରି ତଦନୁସାରେ ଗୋଟିଏ ରାଜ୍ୟର ସ୍ୱାସ୍ଥ୍ୟସେବା ସଂକ୍ରାନ୍ତ କାର୍ଯ୍ୟକ୍ରମର ଫଳାଫଳ ଓ ସ୍ଥିତିର ସ୍ପଷ୍ଟ ପ୍ରମାଣ ମିଳିବ ଏବଂ ସଫଳତା, ବିଫଳତା ଜଣାପଡ଼ିବ । ଏହି ବ୍ୟବସ୍ଥା ଯେ ସଂପୂର୍ଣ୍ଣ ଅଭିନବ, ତାହା କୁହାଯାଇ ନ ପାରେ । ପୂର୍ବରୁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମର ରୂପାୟନବେଳେ ବିଭିନ୍ନ ସଂସ୍ଥାଦ୍ୱାରା ସେସବୁର ସର୍ଭେ ନିୟମିତ ହେଉଥିଲା ଏବଂ ସଫଳତା ବିଫଳତାର କାରଣ ଧରାପଡୁଥିଲା । ନୂଆ ପ୍ରୟାସରେ ଏତିକି ହେବ ଯେ ରାଜ୍ୟମାନଙ୍କୁ ଏ କ୍ଷେତ୍ରରେ ବାର୍ଷିକ କ୍ରମବର୍ଦ୍ଧିଷ୍ଣୁ ବିକାଶର ଫଳାଫଳ ନିର୍ଣ୍ଣୟ କରିବାକୁ ପଡ଼ିବ ଏବଂ ପ୍ରଚଳିତ ଐତିହାସିକ ସଫଳତା ହାସଲର ଧାରା ବଦଳାଇବାକୁ ହେବ । ଏକ ଅତି ଅନଗ୍ରସର ଅଞ୍ଚଳରେ ଡାକ୍ତରଖାନାଟିଏ ଖୋଲିଦେବା ଏକ ଐତିହାସିକ ସଫଳତା ହୋଇପାରେ, ମାତ୍ର ସେହି ସ୍ୱାସ୍ଥ୍ୟକେନ୍ଦ୍ରଟିକୁ ଚଳାଇ ରଖିବାସହ ରୋଗୀସେବା ନିରନ୍ତର ଯୋଗାଣ ଏବଂ ଏହାର କାର୍ଯ୍ୟ ପରିସର ବୃଦ୍ଧି ତଥା ଅଧିକରୁ ଅଧିକ ଲୋକଙ୍କୁ ନିୟମିତ ସେବା ପ୍ରଦାନ କ୍ରମବର୍ଦ୍ଧିଷ୍ଣୁ ସଫଳତାକୁ ବୁଝାଏ । ଆମ ବ୍ୟବସ୍ଥାର ଏକ ବଡ଼ ତ୍ରୁଟି ହେଉଛି ଯେ ଗୁଳାମୁଣ୍ଡ ଛୁଇଁଦେଲେ ବା ଗୋଟିଏ ଲକ୍ଷ୍ୟ ହାସଲ କରିଦେଲେ ଆମର କାମ ଶେଷ ହୋଇଗଲା ବୋଲି ଧରିନିଆଯାଏ । କାର୍ଯ୍ୟ ବା ଯୋଜନାର ବୃହତ୍ତର ଲକ୍ଷ୍ୟ ପ୍ରତି ଗୁରୁତ୍ୱ ରହେନାହିଁ । ନିରନ୍ତର ବିକାଶରେ ସ୍ୱାସ୍ଥ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏକ ଅସୁସ୍ଥ ରାଷ୍ଟ୍ରରେ ସାମାଜିକ, ଆର୍ଥିକ ବିକାଶ ସମ୍ଭବ ନୁହେଁ । ଦେଶ ବା ରାଜ୍ୟ ସୁସ୍ଥ ସବଳ ରହିଲେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ । ସୁତରାଂ ସ୍ୱାସ୍ଥ୍ୟସେବା ଓ ବ୍ୟବସ୍ଥାର ନିରନ୍ତର ବିକାଶକୁ ଅଗ୍ରାଧିକାର ପ୍ରଦାନ କରାଯିବା ଦରକାର । ଓଡ଼ିଶାରେ ଏହି ପ୍ରୟାସଟି ମନ୍ଥର । ସେଇଥିପାଇଁ ତ ଆଜି ଓଡ଼ିଶାର ଅଧିକାଂଶ ପଛୁଆ ଅଞ୍ଚଳରେ ଡାକ୍ତରଖାନା ଅଛି, ଅଥଚ ସେବା ନାହିଁ । ଏହି ବ୍ୟବସ୍ଥାର ଅବସାନ ଏବଂ ଏଥିରେ ନୂଆ ଚିନ୍ତା ଓ ପ୍ରୟାସକୁ ସୁଯୋଗ ଦିଆଯିବା ଉଚିତ । ରାଜ୍ୟମାନେ ଏ କ୍ଷେତ୍ରରେ ଲକ୍ଷ୍ୟନେଇ ତାହା ପୂରଣ କରିବାକୁ ନିଜନିଜ ମଧ୍ୟରେ ପ୍ରତିଯୋଗିତା କରିବାର ସମୟ ଆସିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଦେଶର ସବୁ ରାଜ୍ୟ ସମାନ ସ୍ଥିତିରେ ନାହାନ୍ତି ଏବଂ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବାକୁ ଯେଉଁ ସାମାଜିକ ବ୍ୟବସ୍ଥା ଦରକାର ସେଥିରେ ଗୁରୁତର ବୈଷମ୍ୟ ରହିଛି । ସାମାଜିକ କ୍ଷେତ୍ରର ବିକାଶରେ ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ସୁବିଧା ସୁଯୋଗର ଭୂମିକା ଅଧିକ । ଯେଉଁସବୁ ରାଜ୍ୟ ଐତିହାସିକ କାରଣରୁ ପଛରେ ରହିଯାଇଛନ୍ତି ସେମାନଙ୍କୁ ଜାତୀୟ ମୁଖ୍ୟସ୍ରୋତରେ ସାମିଲ କରିବାକୁ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ସହାୟତା ଯୋଗାଇ ଦିଆଯାଇଛି । ବିପୁଳ ଅର୍ଥ ବ୍ୟୟ ସତ୍ତ୍ୱେ ସ୍ୱାସ୍ଥ୍ୟ ଭଳି ସାମାଜିକକ୍ଷେତ୍ରରେ ବିକାଶ ଆଖିଦୃଶିଆ ହେଉନାହିଁ । ତେଣୁ ବ୍ୟାଧି ସାମାଜିକ ବିକାଶର ପ୍ରମୁଖ ପ୍ରତିବନ୍ଧକ ସାଜିଛି । ଦେଶର ବିକଶିତ ପ୍ରଦେଶମାନଙ୍କରେ ସ୍ୱାସ୍ଥ୍ୟ ସୂଚକାଙ୍କ ଅପେକ୍ଷାକୃତ ଭଲ । କହିବା ବାହୁଲ୍ୟ ଯେ ଲୋକଙ୍କ ଆର୍ଥିକସ୍ଥିତି ସହ ସ୍ୱାସ୍ଥ୍ୟର ସିଧାସଳଖ ସମ୍ପର୍କ ରହିଛି । ଦ୍ୱିତୀୟ କଥା ହେଲା ବିପୁଳ ଆଦିବାସୀ, ଦଳିତ ଓ ଅନଗ୍ରସର ବର୍ଗର ଲୋକ ବସବାସ କରୁଥିବା ଓଡ଼ିଶା ଭଳି ରାଜ୍ୟସମୂହଙ୍କ ସାମାଜିକ ବିକାଶ, ବିଶେଷକରି ସ୍ୱାସ୍ଥ୍ୟସେବା ଭଲ ନୁହେଁ । ସେସବୁ ରାଜ୍ୟ ପାଇଁ ସ୍ୱତନ୍ତ୍ର ଲକ୍ଷ୍ୟଭିତ୍ତିକ କାର୍ଯ୍ୟକ୍ରମ ନିଶ୍ଚୟ ଏକ ଭଲ ବିଚାର । ସ୍ୱାସ୍ଥ୍ୟସେବା ଓ ସାମାଜିକ ବିକାଶ କ୍ଷେତ୍ରରେ ଦେଶର ପୂର୍ବାଞ୍ଚଳ ସବୁଠୁ ପଛରେ । ଓଡ଼ିଶାର ସ୍ଥିତି ତା'ମଧ୍ୟରୁ ଅଧିକ ଖରାପ । ସାମାଜିକ କ୍ଷେତ୍ରକୁ କେନ୍ଦ୍ରସରକାର ଅର୍ଥ ଯୋଗାଣ ଯଥେଷ୍ଟ ହ୍ରାସ କରିଛନ୍ତି । ଫଳରେ ଓଡ଼ିଶାଭଳି ସମସ୍ୟାବହୁଳ ରାଜ୍ୟ ଏଥିପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବାକୁ ସଂଘର୍ଷରତ । ନୂଆ ବ୍ୟବସ୍ଥାରେ ଓଡ଼ିଶା ସମେତ ସମ୍ବଳଅଭାବୀ ରାଜ୍ୟ କିପରି କାର୍ଯ୍ୟ କରିବେ ସେଥିପାଇଁ ନୀତି ଆୟୋଗ ମଧ୍ୟ ରାସ୍ତା ବାହାର କରିବା ଆବଶ୍ୟକ ।

## ଆଜିର ଅନୁଚିନ୍ତା

**ଭୟ ଯାହାକୁ ଭୟ କରେ, ତାକୁ ହିଁ ଆମ୍ଭେମାନେ ଭୟ କରିବା ଉଚିତ ।**

## ଲୌହ ପୁରୁଷ : ସର୍ଦ୍ଦାର ବଲ୍ଲଭଭାଇ ପଟେଲ



ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଗୃହ ମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ପୁରା ନାମ ବଲ୍ଲଭଭାଇ ଝୱେରଭାଇ ପଟେଲ। ଅତି ନିଷ୍ଠାର ନେଲେ, ତାହାଙ୍କୁ କୌଣସି ପରିସ୍ଥିତିରେ ବି ସେ ବଦଳାଇ ନଥିଲେ। ଆବେଗ ଉଦ୍‌ବେଗ ଅପେକ୍ଷା ନିଜ ନୀତିକୁ ସମ୍ମାନ ଦେବାରେ ସେ ଥିଲେ ପ୍ରବୀଣ। କଠୋର କର୍ମ-ଜୀବନ ପରିସର ମଧ୍ୟରେ ବଲ୍ଲଭଭାଇ ସର୍ବଦା ଲୌହ ଦୃଢ଼ ଥିଲେ। ସଂକଳ୍ପ ଦୃଢ଼ତା ତାଙ୍କୁ ଲୋକମୁଖରେ ଲୌହ ପୁରୁଷ ଭାବେ ପରିଚିତ କରାଇଥିଲେ। କର୍ମମୟ ଜୀବନରେ ସେ ଥିଲେ ଜଣେ ନୀତିନିଷ୍ଠ ବାରିଷ୍ଟର ଓ ରାଷ୍ଟ୍ରନେତା। ଦୃଢ଼ ଭଗବତ ବିଶ୍ୱାସ, ମାତୃଭୂମି ପ୍ରତି ମମତା, ଗାନ୍ଧିଜୀଙ୍କ ପ୍ରତି ଶ୍ରଦ୍ଧା ସ୍ନେହ, ତାଙ୍କ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ପରିସ୍ଥିତି ସହିତ ଖାପ ଖୁଆଇ ଚଳିବା ପାଇଁ ସେ ସର୍ବଦା ପ୍ରସ୍ତୁତ ରହୁଥିଲେ। ଗାନ୍ଧିଜୀଙ୍କର ଅତି ନିକଟତମ ବ୍ୟକ୍ତିଭାବେ ସର୍ଦ୍ଦାର ପଟେଲ ଭାରତୀୟ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଓ ସ୍ୱାଧୀନତା ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲେ। ୧୯୩୨ ଜାନୁଆରୀରୁ ୧୯୩୩ ମେ ମାସ ପର୍ଯ୍ୟନ୍ତ ସର୍ଦ୍ଦାର ପଟେଲ ଗାନ୍ଧିଜୀଙ୍କ ସହ ଯାରାବାଡ଼ା ଜେଲରେ ରହିଥିଲେ। ଏହାଥିଲା ତାଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ତାଙ୍କ ଜୀବନର ମହତ୍ୱ ସର୍ବକେରେ ଗାନ୍ଧିଜୀ କହିଥିଲେ ସର୍ଦ୍ଦାର ପଟେଲ ଯେତେବେଳେ ମୋ ସହିତ ରହିଥିଲେ, ସେତେବେଳେ ମୁଁ କିପରି ଏକୁଟିଆ ଅନୁଭବ କରିବି ? ସେ ଏପରି ଥରେ ଲୋକ ଯେ ମୁଁ ହସିବା ପର୍ଯ୍ୟନ୍ତ ସେ ହସାଉଥିବେ। ନିଜକୁ ଥରେ ନୁହେଁ ବହୁତ ଥର ହସନ୍ତି। ଦେଶ ସ୍ୱାଧୀନ ପରେ ପଟେଲଙ୍କ କର୍ମ ପରିସର ଅଧିକ ପରିବ୍ୟାପ୍ତ ହୋଇଥିଲା। ଜବାହାରଲାଲ ନେହରୁଙ୍କ ସହିତ ତାଙ୍କର ଅନେକ କ୍ଷେତ୍ରରେ ମତପାର୍ଥକ୍ୟ ରହିଥିଲା। ମାତ୍ର ତତ୍କାଳୀନ ଦେଶର ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ପଟେଲ ଥିଲେ ଏକମାତ୍ର ସୁଯୋଗ୍ୟ ବ୍ୟକ୍ତି। ମହାନ କାଟିପ୍ରାଣ, ଏଣ୍ଡା ଜନନେତା ସର୍ଦ୍ଦାର ପଟେଲ ତତ୍କାଳୀନ ବମ୍ବେ ପ୍ରେସିଡେନ୍ସି ଅନ୍ତର୍ଗତ ନଡ଼ିଆଡ଼ାରେ ୧୮୭୫ ଅକ୍ଟୋବର ୩୧ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ।

**ଡ଼ଃ ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ଭାରତମାତାର ସୁପୁତ୍ର-ଲୌହମାନବ-ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍

••••••••••••••ପଣ୍ଡିତ ତ୍ରିଲୋଚନ ମିଶ୍ର••••••••••••••



ଭାରତର ସ୍ୱାଧୀନତା ସଂଗ୍ରାମର ମଙ୍ଗୁଆଳ ଥିଲେ ମହାମାନବ ମହାତ୍ମାଗାନ୍ଧୀ। ଗାନ୍ଧିଜୀଙ୍କ ସହ ଭାରତମାତାର ଯେଉଁ ସୁପୁତ୍ରମାନେ ସ୍ୱାଧୀନତା ସଂଗ୍ରାମକୁ ଅଧିକ କ୍ରିୟାଶୀଳ କରାଇପାରିଥିଲେ, ତଥା ଦେଶର ବିପଦ ବେଳେ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିପାରିଥିଲେ ସେମାନେ ଚିରନମସ୍ୟ। ଏଭଳି ଜଣେ ସଚ୍ଚା ଦେଶଭକ୍ତ, ଦୃଢ଼ସଂକଳ୍ପ ନୀତିନିଷ୍ଠ, ସାଲିସ୍‌ବିହୀନ ଜନନାୟକ ଥିଲେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍। ଭାରତର ହିତ ପାଇଁ ଯାହା ଆବଶ୍ୟକ ତାହା କରିବା ପାଇଁ ସେ ଦୃଢ଼ସଂକଳ୍ପ ଥିଲେ। କୌଣସି ପ୍ରତିବନ୍ଧକ ଏଥିରୁ ତାଙ୍କୁ ନିବୃତ୍ତ କରିପାରୁ ନଥିଲା। ''କାଲିର କାମ ଆଜି କର ଓ ଆଜିର କାମ ବର୍ତ୍ତମାନ କର'' ନୀତିବାଣୀକୁ ସେ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ। ଅନେକ ଅସମ୍ଭବ କାର୍ଯ୍ୟକୁ ସ୍ୱଳ୍ପ ସମୟରେ ସମ୍ଭବ କରିଦେବାର ଦକ୍ଷତା ତାଙ୍କ ପାଖରେ ଦେଖିବାକୁ ମିଳୁଥିଲା। ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ଦିନ ଭାରତର ଶାସନ କ୍ଷମତା ଭାରତୀୟମାନଙ୍କୁ ପ୍ରଦାନ କରାଗଲା। ମାତ୍ର ଏହି କ୍ଷମତା ହସ୍ତାନ୍ତର ଚୁକ୍ତିପତ୍ରରେ କୁଚକ୍ରୀ ଇଂରେଜମାନେ ଭାରତବର୍ଷକୁ ଅନେକ ଖଣ୍ଡରେ ବିଭକ୍ତ କରିଦେବାର ଚକ୍ରାନ୍ତ ରଚିଥିଲେ।

ଏହା ନିଶ୍ଚିତ ହୋଇଯାଇଥିଲା ଯେ ଭାରତର ସ୍ଥିତି ଅନୁଯାୟୀ ଇଂରେଜମାନେ ଭାରତ ମଧ୍ୟରେ ଥିବା ୫୬୫ଟି ଦେଶୀୟ ରାଜ୍ୟକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ଅଧିକାର ସହ ସ୍ୱଇଚ୍ଛାରେ ଭାରତ ବା ପାକିସ୍ଥାନ ସହ ମିଶିଯିବାର ଅଧିକାର ଦେଇଥିଲେ। ଏଥିରେ କୌଣସି ପରିବର୍ତ୍ତନ କରିବାର ଅଧିକାର ଭାରତ ହାତରେ ନଥିଲା। ଏହି ଚକ୍ରାନ୍ତକାରୀ ଚୁକ୍ତିଟି ଯଦି ଯଦି ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ ହୋଇଥାଆନ୍ତା, ତେବେ ଆମ ଜନ୍ମଭୂମି ଭାରତବର୍ଷ କେବଳ ଭାରତ-ପାକିସ୍ଥାନ ନୁହେଁ, ଆହୁରି ୫୬୫ ଖଣ୍ଡରେ ବିଭକ୍ତ ହୋଇଯାଇଥାଆନ୍ତା। ଇଂରେଜମାନଙ୍କ ରଚିତ ଚକ୍ରବ୍ୟୂହରୁ ଦେଶକୁ ବଞ୍ଚାଇବା ପାଇଁ କୌଣସି ବିକଳ୍ପ ନଥିବାସ୍ଥଳେ ଅସମ୍ଭବକୁ ସମ୍ଭବ କରିବାର ସାମର୍ଥ୍ୟ ଥିବା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏପରି ବିପଦର ସମ୍ମୁଖୀନ ହେବାପାଇଁ ବହୁପୂର୍ବରୁ ନିଜକୁ ପ୍ରସ୍ତୁତ କରି ରଖିଥିଲେ।

ଚୁକ୍ତିପତ୍ର ପ୍ରାପ୍ତି ପରେ ସେ ଦେଶୀୟ ରାଜ୍ୟ ଶାସକମାନଙ୍କୁ ଜଣାଇଦେଲେ ଯେ ସେମାନେ ଭାରତ ସରକାରଙ୍କ ବିନା ଅନୁମତିରେ ଭାରତର ଜଳପଥ, ସ୍ଥଳପଥ, ଆକାଶପଥ ବ୍ୟବହାର କରିପାରିବେ ନାହିଁ। ଶାସକ ହିସାବରେ ରାଜ୍ୟର ପ୍ରଜାମାନଙ୍କ ମଙ୍ଗଳ ଚାହୁଥିଲେ, ଭାରତ ସହ ମିଶି ଏକ ବିକଶିତ ଦେଶ ଗଠନରେ ସହଭାଗୀ ହୁଅନ୍ତୁ ଅଥବା ସବୁଦିନ ପାଇଁ ଦୁର୍ଗତିବରଣ କରନ୍ତୁ। ଏହା ଥିଲା ୫୬୫ଟି ଦେଶୀୟ ରାଜ୍ୟ ଶାସକମାନଙ୍କ ପାଇଁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଚରମବାଣୀ। ପରିସ୍ଥିତିର ଗୁରୁତ୍ୱ ବୁଝି ଅନେକ ଦେଶୀୟ ରାଜ୍ୟ ତୁରନ୍ତ ଭାରତ ସହ ମିଶିଯିବାକୁ ସ୍ୱୀକୃତିପତ୍ର ପଠାଇଦେଲେ। ମାତ୍ର ଭୋପାଳର ନବାବ ହମିଦୁଲ୍ଲା ଖାଁ, ହାଇଦରାବାଦର ନିଜାମ ଓସମାନ ଅଲ୍ଲୀ ଖାଁ, ଗୁଜରାଟ ରାଜ୍ୟ ଜୁନାଗଡ଼ର ନବାବ ଓ ତାଙ୍କ ଦେଓ୍ୱାନ ସାର ସାହନ୍‌ଓ୍ୱାଜ ଭୁଟ୍ଟୋ ନିଜ ରାଜ୍ୟର ସ୍ୱାଧୀନତା ବଜାୟ ରଖିବାରେ ବାଧା ସୃଷ୍ଟି ହେଲେ ପାକିସ୍ଥାନ ସହ ସାମିଲ ହେବାର ଭୟ ଦେଖାଇଲେ। ଏ ସମସ୍ତ ତଥ୍ୟ ସର୍ଦ୍ଦାର ପଟେଲଙ୍କୁ ଆଗରୁ ଜଣାଥିଲା।

ଜୁନାଗଡ଼ର ଦେଓ୍ୱାନ ସାହାନଓ୍ୱାଜ ଭୁଟ୍ଟୋ ଯେକି ପାକିସ୍ଥାନର ପୂର୍ବତନ ପ୍ରଧାନମନ୍ତ୍ରୀ ଜୁଲଫିକର ଅଲ୍ଲୀ ଭୁଟ୍ଟୋଙ୍କ ପିତା ଥିଲେ, ତୁରନ୍ତ ପାକିସ୍ଥାନ ଗସ୍ତ କରି ନିଜ ରାଜ୍ୟକୁ ପାକିସ୍ଥାନ ସହ ମିଶାଇଦେବାର ସ୍ୱୀକୃତି ଦେଇଆସିଲେ। ଜୁନାଗଡ଼ ରାଜ୍ୟ ମଧ୍ୟରେ ବିଶ୍ୱପ୍ରସିଦ୍ଧ ସୋମନାଥ ମନ୍ଦିର ଥିବାରୁ ଏହି ରାଜ୍ୟ ପାକିସ୍ଥାନରେ ମିଶିଲେ ଶୈବପୀଠର ସମ୍ପୂର୍ଣ୍ଣ ବିଲୟ ଘଟିବା ଚିନ୍ତା ସମଗ୍ର ଦେଶବାସୀଙ୍କୁ ଘାରିଥିଲା। ମାତ୍ର ଯୋଗଜନ୍ମା ସର୍ଦ୍ଦାର ପଟେଲ କାଳବିଳମ୍ବ ନ କରି ଜୁନାଗଡ଼ର ଜଳ, ସ୍ଥଳ ଓ ଆକାଶପଥ ଅବରୋଧ କରିଦେଲେ। ଏଭଳି ପରିସ୍ଥିତି ପାଇଁ ନବାବ ପୂର୍ବରୁ ସତର୍କ ନଥିଲେ। କୌଣସି ଉପାୟ ନ ପାଇ ସେ ସର୍ଦ୍ଦାର ପଟେଲଙ୍କ ପ୍ରସ୍ତାବରେ ରାଜି ହୋଇ ନିଜର ରାଜ୍ୟକୁ ସ୍ୱଇଚ୍ଛାରେ ଭାରତ ସହ ମିଶ୍ରଣ ହେବା ଘୋଷଣା କରିଦେଲେ। କେବଳ ଶେଷ ପର୍ଯ୍ୟନ୍ତ ଅଟକି ରହିଲେ ହାଇଦ୍ରାବାଦର ନିଜାମ ଓସମାନ ଅଲ୍ଲୀ ଖାଁ। ସେ ଥିଲେ ସେ ସମୟର ବିଶ୍ୱପ୍ରସିଦ୍ଧ ଧନାଢ୍ୟ ସମ୍ରାଟ। ପ୍ରଚୁର ଅର୍ଥ ବିନିମୟରେ ବିଶ୍ୱପ୍ରସିଦ୍ଧ ବ୍ରିଟିଶ୍ ଆଇନଜ୍ଞ ସାର୍ ଉଇଲିୟମ୍‌ଙ୍କୁ ହାତ କରି ଭାରତର କ୍ଷମତା ହସ୍ତାନ୍ତର ଚୁକ୍ତିମତେ ନିଜର ସ୍ଥିତି ସୁଦୃଢ଼ କରିବାକୁ ଚାହିଁଲେ। ଏପରିକି ପ୍ରଚୁର ଅର୍ଥ ଦେଇ ବିଦେଶରୁ ଅତ୍ୟାଧୁନିକ ଯୁଦ୍ଧସାମଗ୍ରୀ ଆକାଶପଥରେ ନିଜ ରାଜ୍ୟକୁ ଆଣିବା ବ୍ୟବସ୍ଥା କଲେ।

ନବାବଙ୍କ ଏତାଦୃଶ କାର୍ଯ୍ୟକୁ ଉଚିତ ଜବାବ ଦେବାପାଇଁ ସର୍ଦ୍ଦାର ପଟେଲ ଗୁପ୍ତରେ ପ୍ରସ୍ତୁତି ଆରମ୍ଭ କରିଦେଲେ। ଭାରତର ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତି ଏହାର ସୁରାକ୍ ମଧ୍ୟ ପାଇଲେ ନାହିଁ। ସୁଯୋଗକୁ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁ ବିଦେଶ ଗସ୍ତ କରିବା ଦୃଷ୍ଟିରୁ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲ୍‌ଙ୍କୁ ସାମୟିକ ଭାବେ ନିଜ ବିଭାଗ ଦାୟିତ୍ୱ ହସ୍ତାନ୍ତର କରିଦେଲେ। ଏହା ସବୁଠାରୁ ଉତ୍ତମ ସମୟ ଜାଣି ସର୍ଦ୍ଦାରଜୀ ମୁଖ୍ୟ ସେନାଧିକାରୀଙ୍କ ଗୁପ୍ତ ବୈଠକ ଡକାଇ ତୁରନ୍ତ ହାଇଦ୍ରାବାଦ ନିଜାମଙ୍କ ରାଜ୍ୟ ଅବରୋଧ କରି ଦଖଲ କରିନେବାକୁ ନିର୍ଦ୍ଦେଶ ଦେଲେ। ପ୍ରଥମେ ନବାବଙ୍କ ସୈନ୍ୟବାହିନୀକୁ ଅତର୍କିତ ଆକ୍ରମଣ କରି ତାଙ୍କ ଯୁଦ୍ଧାସ୍ତ୍ର ଭଣ୍ଡାର ହାତକୁ ଆଣିବା ସ୍ଥିର ହୋଇଗଲା। ୧୯୪୮ ମସିହା ନଭେମ୍ବର ମାସ ୧୫ ତାରିଖ ପ୍ରାତଃ ସମୟରେ ଆକସ୍ମିକ ଭାବେ ଭାରତର ସୈନ୍ୟବାହିନୀ ହାଇଦ୍ରାବାଦ ରାଜ୍ୟ ସୀମା ମଧ୍ୟରେ ପ୍ରବେଶ କରିଗଲେ। ଆରମ୍ଭ ହୋଇଗଲା, ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସୁପରିକଳ୍ପିତ ଅପରେସନ୍ 'ପୋଲୋ', ଭାରତୀୟ ସୈନ୍ୟଚାଳନାର ଦାୟିତ୍ୱ ନେଲେ ମେଜର ଜେନେରାଲ୍ ଜେ.ଏନ୍. ଚୌଧୁରୀ। ମାତ୍ର ଚାରିଦିନ ମଧ୍ୟରେ ନବାବଙ୍କ ଦମ୍ଭ ଭାଙ୍ଗିଗଲା ଓ ତାଙ୍କ ସୈନ୍ୟବାହିନୀ ଭାରତୀୟ ସେନାଧକ୍ଷଙ୍କ ପାଖରେ ଆତ୍ମସମର୍ପଣ କଲେ। ମେଜର ଜେନେରାଲ୍ ଚୌଧୁରୀ ହେଲେ ହାଇଦ୍ରାବାଦ ରାଜ୍ୟର ପ୍ରଥମ ମିଲିଟାରୀ ଗଭର୍ଣ୍ଣର। ନବାବ ଓସମାନ୍ ଅଲ୍ଲୀ ଖାଁଙ୍କ ସମସ୍ତ ତୁମ୍ବିତୋଫାନ ଧୂଳିସାତ୍ ହୋଇଗଲା। ନା ରାଜ୍ୟ ରହିଲା ନା ରାଜୁତି ରହିଲା ! କୌଣସି ବିକଳ୍ପ ନ ଦେଖି ସେ ସର୍ଦ୍ଦାର ପଟେଲଙ୍କ ସହ ପରାମର୍ଶ କରି ମେଜର ଜେନେରାଲ୍ ଜେ.ଏନ୍. ଚୌଧୁରୀଙ୍କୁ ନିଜ ରାଜ୍ୟର ମିଲିଟାରୀ ଗଭର୍ଣ୍ଣର ମାନ୍ୟତା ଦେବା ସହ ସ୍ୱଇଚ୍ଛାରେ ଭାରତ ସହ ହାଇଦ୍ରାବାଦ ରାଜ୍ୟର ମିଶ୍ରଣ ହେବା ସ୍ୱୀକାରୋକ୍ତି ପତ୍ର ସ୍ୱୀକାର କରି ଦିଲ୍ଲୀ ପଠାଇଦେଲେ। ଅତି ବଡ଼ ବିପଦ ଅତି ଅଳ୍ପ ସମୟ ମଧ୍ୟରେ ଅତି ସହଜରେ ସର୍ଦ୍ଦାର ପଟେଲଙ୍କ ଦୃଢ଼ସଂକଳ୍ପ ହେତୁ ଟଳିଗଲା। ଦେଶ ଆଶ୍ୱସ୍ତ ହେଲା।

ଅନେକ ମନେକରନ୍ତି, କାଶ୍ମୀର ରାଜ୍ୟ କ୍ଷେତ୍ରରେ ଏହି ପ୍ରକ୍ରିୟା କାହିଁକି କାର୍ଯ୍ୟକାରୀ କରାଗଲା ନାହିଁ ! ସେମାନଙ୍କୁ ଜଣାଇଦେବାକୁ ଚାହେଁ ଯେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ କାଶ୍ମୀର ସମସ୍ୟା ନିଜ ହାତରେ ରଖିଥିଲେ। ସେ ଯଦି ସର୍ଦ୍ଦାର ପଟେଲଙ୍କୁ ଏହି ଦାୟିତ୍ୱ ମୂଳରୁ ଦେଇଥା'ନ୍ତେ, ତେବେ ଆମ ପାଇଁ କୌଣସି ସମସ୍ୟା ନଥା'ନ୍ତା। ଏପରିକି ପଡ଼ୋଶୀ ରାଜ୍ୟମାନେ ଆମ ଦେଶର ସୀମା ଉଲ୍ଲଂଘନ କରିବାକୁ ସାହସ କରି ନଥା'ନ୍ତେ ବା ତିବ୍ବତ ସମସ୍ୟା ସୃଷ୍ଟି ହୋଇନଥା'ନ୍ତା।

ଭାରତମାତାର ଏହି ସୁଯୋଗ୍ୟ ସନ୍ତାନ ୧୮୭୫ ମସିହା ଅକ୍ଟୋବର ମାସ ୩୧ ତାରିଖ ଦିନ ଗୁଜରାଟ ରାଜ୍ୟର ନଦିଆଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପୂର୍ଣ୍ଣ ନାମଟି ଥିଲା-ବଲ୍ଲଭାଭାଇ ଜାଭେର ଭାଇ ପଟେଲ। ସାଧାରଣ କୃଷକ ପରିବାରରେ ଜନ୍ମ ନେଇଥିଲେ ମଧ୍ୟ ସ୍ୱଦକ୍ଷତା ବଳରେ ସେ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ହୋଇ ସମଗ୍ର ଦେଶବାସୀଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ଭାରତୀୟ ରୀତିନୀତି, ଚାଲିଚଳଣି, ବେଶଭୁଷା, ଭାଷା, ପୂଜା, ଉପାସନା, ଶିକ୍ଷା ସଂସ୍କୃତି ଓ ଐତିହ୍ୟ ବିଶ୍ୱରେ ଅନନ୍ୟ ବୋଲି ସେ ବହୁବାର ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଆଇନ ଶିକ୍ଷା ପରେ ସେ ସ୍ୱଳ୍ପ ସମୟ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ମାତ୍ର ଏହା ତାଙ୍କୁ ବାନ୍ଧି ରଖିପାରିନଥିଲା। ସେ ଥିଲେ ସଚ୍ଚା ଦେଶଭକ୍ତ। ଭାରତମାତାର ମୁକ୍ତି ପାଇଁ ସେ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଯୋଦ୍ଧା ଭାବେ ଯୋଗଦାନ କଲେ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ସମ୍ପୃକ୍ତି ମହାମାନବ ମହାତ୍ମାଗାନ୍ଧୀଙ୍କୁ ମଧ୍ୟ ପ୍ରଭାବିତ କରିଥିଲା।

ସତ୍ୟାଗ୍ରହ ସଂଗ୍ରାମରେ ନିଜକୁ ହଜାଇ ଦେଇ ସର୍ଦ୍ଦାର ପଟେଲ ନିଜର ଶିଶୁପୁତ୍ର ଦୟାଭାଇ ଓ କନ୍ୟା ମଣିବେନ୍‌ଙ୍କ ଲାଳନପାଳନ ପ୍ରତି ଦୃଷ୍ଟି ଦେଇପାରୁ ନଥିଲେ। ଏହା ଜାଣି ନିଜେ ଗାନ୍ଧିଜୀ ଦୁଇ ଶିଶୁଙ୍କୁ ଆଣି ନିଜ ଆଶ୍ରମରେ ରଖିବାର ବ୍ୟବସ୍ଥା କରିଥିଲେ। ଭାରତ ସ୍ୱାଧୀନତା ଲାଭ କରିବା ପରେ ଏହି ମହାନ୍ ଜନନାୟକଙ୍କୁ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଦାୟିତ୍ୱ ଅର୍ପଣ କରାଯାଇଥିଲା। କୌଣସି ସମୟରେ ନିଜ ସ୍ୱାର୍ଥ ପାଇଁ ବା ପରିବାର ସ୍ୱାର୍ଥ ପାଇଁ ସେ ପଦବୀର ବ୍ୟବହାର କରି ନଥିଲେ। ସେ ଏଭଳି ରାଷ୍ଟ୍ରଭକ୍ତ ଥିଲେ ଯେ ଦେଶର ସ୍ୱାର୍ଥ ସହ ଜଡ଼ିତ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ସେ ପଛାଉନଥିଲେ। ଏପରିକି ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତିଙ୍କ ସହ ଏ ବିଷୟରେ ସାଲିସ କରି କାଳକ୍ଷେପଣ ନୀତିକୁ ସେ ପସନ୍ଦ କରୁନଥିଲେ। କେବଳ ଏଇଥିପାଇଁ ଅନେକ ଥର ପଣ୍ଡିତ ନେହରୁଙ୍କ ସହ ତାଙ୍କର ମତାନ୍ତର ଘଟିଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ସେ ନିଜ ପଦବୀ ଛାଡ଼ିବାକୁ ସ୍ଥିର କରିଥିଲେ। ମାତ୍ର ତତ୍‌କାଳୀନ ବହୁ ଜନନାୟକ ସର୍ଦ୍ଦାର ପଟେଲଙ୍କୁ ଦେଶର ହିତଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନେବାକୁ ବାରଣ କରିଥିଲେ। ସେ ମଧ୍ୟ ସମସ୍ତଙ୍କ କଥା ରଖି ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ମନ୍ତ୍ରିମଣ୍ଡଳରେ ରହି ଦେଶକୁ ସୁଶାସନ ଦେବାରେ ସମର୍ଥ ହୋଇଥିଲେ।

ଏହି ମହାନ୍ ଦେଶଭକ୍ତଙ୍କର ମହାପ୍ରୟାଣ ୧୯୫୦ ମସିହା ଡିସେମ୍ବର ମାସ ୧୫ ତାରିଖ ଦିନ ଘଟିଥିଲା। ଭାରତମାତା ତା'ର ସୁଦକ୍ଷ ନୀତିନିଷ୍ଠ ବୀରପୁତ୍ରଙ୍କୁ ସବୁଦିନ ପାଇଁ ହରାଇବସିଲା। ମାତ୍ର ଅଗଣିତ ଭାରତୀୟଙ୍କର ସେ ଚିରନମସ୍ୟ ହୋଇ ରହିଗଲେ। ଦେଶରେ ଆଜି ସଚ୍ଚା ଦେଶଭକ୍ତ ନାଗରିକଙ୍କ ଅଭାବ ଦେଖାଦେବା ପଛରେ ଏଭଳି ମହାନ୍ ଦେଶଭକ୍ତଙ୍କ ତ୍ୟାଗପୂତ ଜୀବନୀର ତଥ୍ୟ ଅପହଞ୍ଚ ହେବା ମୁଖ୍ୟ କାରଣ ବୋଲି ବିବେଚନା କରାଯାଏ। ବେଳ ଥାଉଁ ଥାଉଁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ବିଧେୟ !

*-ଆବାହକ, ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି ସଂସଦ, ପ୍ରକୃତିବନ୍ଧୁ ଭବନ, ପ୍ରାଚୀବିହାର, କାକଟପୁର, ପୁରୀ*

# ଆଶ୍ୱାସନା ନୁହେଁ ରୂପାୟନ...

## ଚାଷକ୍ଷେତରୁ ଚିଠି-୪୦

**ଡି. ଶୁଭମ୍**



ଶୀର୍ଷକଟିକୁ ପଢ଼ିବା କ୍ଷଣି ମନ ଭିତରେ ଅନେକ ପ୍ରଶ୍ନ ନିଶ୍ଚିତ ଭାବେ ଆନ୍ଦୋଳିତ ହେଉଥିବ....ହେବା ବି ସ୍ୱାଭାବିକ। କାରଣ ଆଶ୍ୱାସନା ଏପରି ଏକ ଶବ୍ଦ ଯାହା କେବଳ ମଣିଷର ମନକୁ ଟିକେ ହାଲୁକା କରିବା ପାଇଁ ବ୍ୟବହାର କରାଯାଇଥାଏ। କିନ୍ତୁ ରୂପାୟନ ଏମିତି ଏକ ପରିପାଟୀ ଯାହା ଶବ୍ଦ ନୁହେଁ ବରଂ ଏକ ସଂଜ୍ଞା। ଆଶ୍ୱାସନା ଆଉ ରୂପାୟନ ଭିତରେ ଢ଼େର ଫରକ। ସତରେ ଯଦି ଟିକିଏ ନିରିଖେଇ ଭାବିବେ ନା ତାହାହେଲେ ଏହାର ମାର୍ମିକ ଅର୍ଥକୁ ଅନୁଭବ କରିବା ବୋଧହୁଏ ସହଜ ହୋଇଯିବ।

ଏହି ରୂପାୟନ ଭିତରେ ଭରି ରହିଛି ବିଶ୍ୱାସର ଏକ ଆବଦ୍ଧ ପାଚେରୀ। ଯାହା କି ମଣିଷ ଜୀବନକୁ ଏକ ନୂଆ ମୋଡ଼ ଦିଏ। ଆଶ୍ୱାସନା ମଣିଷ ମନଭିତରେ ନୂତନ ଆଶା ସଂଚାର କରେ ସତ ହେଲେ ରୂପାୟନ ଏହି ଆଶାକୁ ବାସ୍ତବତାର ରୂପ ଦିଏ। ଏସବୁକୁ ଆପଣଙ୍କ ପାଖରେ ବଖାଣିବାର କାରଣ ଏଇଆ କି ବିଗତ ସ୍ତମ୍ଭ ମାନଙ୍କରେ ମୁଁ ଚଷାପୁଅର ଅନୁଭୂତି ସହ ଆଉ କିଛି ପ୍ରଶିକ୍ଷଣ ବେଳର ଅଭୁଲା ଗାଥାକୁ ଉପସ୍ଥାପନ କରିଥିଲି।

କିନ୍ତୁ ଏହାରି ଭିତରେ କେଉଁଠି ନା କେଉଁଠି ମୁଁ ଏଇ ଦୁଇ ଶବ୍ଦ ଭିତରେ ଅନେକ ତଫାତ ଅନୁଭବ କଲି। ଯାହା ପାଇଁ ପେଟରେ ଦି ମୁଠା ଦାନା ପଡ଼େ, ଯେ ସମାଜ ଆଉ ଜାତିର ଅନ୍ନଦାତା, ତାକୁ କ'ଣ କେବେ ଆଶ୍ୱାସନା ଦେଇ ହୁଏ ? ? ? ସିଏ ପରା ସମଗ୍ର ଜାତିକୁ ଜୀଇଁବାର କୌଶଳ ଶିଖେଇଛି। ତାକୁ ବା କ'ଣ ଆଶ୍ୱାସନା ଦିଆଯିବ ? ? ଆଉ ବାସ୍ତବିକ କ୍ଷେତ୍ରକୁ ଯଦି ଲକ୍ଷ୍ୟ କରାଯାଏ, ତେବେ ଏହି ଆଶ୍ୱାସନାକୁ ରୂପାୟନ କରିବା ଏବେ କାଠିକର ପାଠ ହୋଇଯାଇଛି। ବଳ ଆଉ କ୍ଷମତାର ଚାବୁକରେ ଏହି ରୂପାୟନ ବି ସ୍ତବ୍ଧ ହୋଇଯାଇଛି।

ଗତ ଚାରି ମାସ ହେବ ପାଖାପାଖି ୫୦୦ରୁ ଅଧିକ ଚାଷୀମାନଙ୍କ ସହ ମିଶିବାର ଏକ ଅପୂର୍ବ ସୌଭାଗ୍ୟ ପାଇଥିଲି। ପାଂଚଟି ଗାଁରେ ପାଂଚଶହ ଜଣ ଚାଷୀଙ୍କୁ ପ୍ରଶିକ୍ଷଣ ଦେବାର ସୁଯୋଗ ମିଳିଥିଲା। ଏସବୁ ଭିତରେ ମୁଁ ଚାଷୀ ଭାଇ ଭିତରେ ଏକ ଦରଦୀପଣିଆକୁ ବେଶ ପାଖରୁ ଅନୁଭବ କଲି। ବାଃ ବାଃ ରେ ଏ ସମାଜ... ତୁମେ ସିନା ଚାକିରୀ ଆଉ ଟଙ୍କା ପଛରେ ବାୟା... ହେଲେ ଏଇ ଚାଷୀର ସବୁ ଅଫିସ ହେଉଛି ତା'ର ସବୁଜ କ୍ଷେତ। ସେଇଠି ତା'ର ଜୀବନ ବନ୍ଧା। ଟଙ୍କାର ପ୍ରଲୋଭନରେ ପ୍ରଲୋଭିତ ନହୋଇ ସୁନା ଫଳେଇବାର ନିଶାରେ ମାତିଯାଏ। କେବେ କାହାଠୁଁ କିଛି ପାଇବାକୁ ଆଶା ବି କରେନି। ସେଇଥିପାଇଁ ତ' ସକାଳର ପଖାଳ ଦି' ମୁଠା ତା' ପାଇଁ ସ୍ୱର୍ଗସୁଖଠୁ ବଳି କିଛି ନୁହେଁ।

ପ୍ରଶିକ୍ଷଣର ଏଇ ଅବଧି ଭିତରେ ଯେତେବେଳେ ମୁଁ ଚାଷୀଭାଇଙ୍କୁ ପଚାରେ ସେମାନଙ୍କ ଜୀବନ ବିଷୟରେ...ବେଶ ଖୁସି ହେଇ କହିଦିଅନ୍ତି ବାପାରେ....ଆମର ଆଉ ଜୀବନ କ'ଣ, ସେଇ କାଦୁଅ ମାଟିରେ ତ' ଆମର ସବୁ ସୁଖ। ଜୀବନ କ'ଣ, ସଂଘର୍ଷ କ'ଣ, ସଂଗ୍ରାମ କ'ଣ ସବୁ ତ' ଏଇ ଚାଷଜମି ଆମକୁ ଶିଖେଇଛି। ସେଇଥିପାଇଁ ତ' ଲୋଭ ନୁହେଁ ବରଂ ଏହା ଆମ କର୍ତ୍ତବ୍ୟ। ଶିକ୍ଷିତ ନ ହୋଇଥିଲେ ବି ବହୁ ଉଚ୍ଚଶିକ୍ଷିତ ବି ଏମାନଙ୍କ ପାଖରେ ହାର ମାନିବାକୁ ବାଧ୍ୟ ହୁଅନ୍ତି।

ଏମିତି କଥାଛଳରେ ଦିନେ ବ୍ରହ୍ମପୁରର ରାଉଳପଲ୍ଲୀ ଗାଁରେ ଥିବାବେଳେ ସେମାନଙ୍କୁ ଯୋଜନା ବିଷୟରେ ପଚାରି ବୁଝିଲି। ବେଶ ରୋଚକ ଢ଼ଙ୍ଗରେ ଉତ୍ତର ଦେଇ କହିଲେ ...ଯୋଜନା ତ' ହେଉଛି ଏସି ଟେବୁଲରେ, ହେଲେ ରୂପାୟନ ହେଉଛି ବା କେଉଁଠି ! ! ! ଆଜି ବି ଅନେକ ଯୋଜନାର ନାଁ ବି ଶୁଣିନାହାନ୍ତି। ଓଡ଼ିଶାର ଗାଁମାନଙ୍କରେ ଏହାର ଛାପଟିକେ ବି ପଡ଼ିନି। ଏସବୁ କ'ଣ ଯୋଜନାର ଉଦ୍ଦେଶ୍ୟ ନା ଏକ ଧୂଆଁବାଣ ଆଶ୍ୱାସନାଃ !

ଚାଷୀ-ସେ କୁଶଳୀ ବିନ୍ଧାଣୀ। ତାକୁ ବା କ'ଣ ଆଶ୍ୱାସନା ଦେବ, ଯିଏ ତିନି ମାସରେ ସୁନାର ଫସଲ ଅମଳ କରିପାରେ। ଏମାନେ ତ' ରୂପାୟନର ମାଷ୍ଟର ମାଇଣ୍ଡ। ସତରେ ଏ ସବୁ ଯୋଜନାର ପ୍ରକୃତ ହିତାଧିକାରୀ ଯଦି ଉପଯୁକ୍ତ ସୁବିଧାସୁଯୋଗ ନ ପାଆନ୍ତି, ତାହାହେଲେ ସେସବୁ ପ୍ରଣୟନ କରି ଲାଭ ବା କ'ଣ ? ? କେବଳ ରଙ୍ଗୀନ ବିଜ୍ଞାପନ ଆଉ କେତେଟା କଲର ଫ୍ଲେକ୍ସରେ ଏସବୁ ଚାଷୀଙ୍କ ପାଖରେ ପହଁଚିପାରେନି। ଏଥିପାଇଁ ଦରକାର ଦୃଢ଼ ଇଚ୍ଛାଶକ୍ତି। ସେମାନଙ୍କ ପାଖରେ ଏସବୁର ସଫଳ ରୂପାୟନ ସରକାରଙ୍କ ପ୍ରଥମ ଦାୟିତ୍ୱ ହେବା ବିଧେୟ।

ପରନ୍ତୁ ଏବର ଓଡ଼ିଶାରେ ଏସବୁ କେବଳ ବିଧାନସଭାର ପ୍ରଶ୍ନୋତ୍ତର ଆଉ କେଇଟା ବାଷ୍ପୀଭୂତ ଆଶ୍ୱାସନା ଭିତରେ ମଉଳିଯାଉଛି। ଆଉ ଯେବେ ଚାଷୀଟିଏ ଏକଥା ଉପର ବଡ଼ ବଡ଼ ବାବୁମାନଙ୍କୁ ପଚାରେ, ଠିକ୍ ସେତିକିବେଳେ ଆସେ ଆଶ୍ୱାସନାର ଏକ ଲମ୍ବା ସୁଅ। ସତରେ ସେ ସୁଅର ଗତି ଏତେ ତୀବ୍ର ଯେ ଏହା ଯେକୌଣସି ଚାଷୀକୁ ନିଜ କବଳରେ ରଖିଦିଏ। ଏ ଆଶ୍ୱାସନା ଏତେ ପ୍ରଖର ହେଇଯାଏ ଯେ ଶେଷରେ ରୂପାୟନ ଏକ ଶବ୍ଦ ଭିତରେ ସୀମିତ ହୋଇ ରହିଯାଏ।

କେବଳ ଏହାକୁ ଅନୁଭବ କରିହୁଏ କିନ୍ତୁ କାହା ପାଖରେ କହିହୁଏ ନାହିଁ। ନିଜେ ପ୍ରଶିକ୍ଷଣ ଦେବା ଭିତରେ ଏସବୁକୁ ଅଙ୍ଗେ ନିଭେଇଛି। ଚେଷ୍ଟା କରିଛି ସେମାନଙ୍କୁ ଆଶ୍ୱାସନା ନୁହେଁ ବରଂ ରୂପାୟନର ଗହନ କଥା କହିବାକୁ। କିନ୍ତୁ ଶେଷରେ ଉତ୍ତର ଏଇଆ ପାଏ ଯେ- ପୁଅ ଏସବୁକୁ ଆଉ ଲୋଭ ନାହିଁ। କାହିଁ କେଉଁ କାଳରୁ ବାପ ଅଜା ଚାଷ କରି ଘର ପୋଷୁଥିଲେ। ସେତେବେଳେ ତ' ଏ ଯୋଜନାର ନାଁ ନଥିଲା କି ଆଶ୍ୱାସନା ଦେବାର ମୌକା ବି ମିଳୁ ନ ଥିଲା। ଆମର ବି ସେସବୁକୁ ଲୋଭ ନାହିଁ। ନିଜେ ଖଟିବୁ, ନିଜେ ଖାଇବୁ। କାହାର ଦି' ପଇସାକୁ ଆମର ଇଚ୍ଛା ନାହିଁ। ଆମ ପଖାଳ ଆଉ ଶାଗଭଜାରେ ଆମେ ସନ୍ତୁଷ୍ଟ। ଏଇ କେଇ ପଦ କଥା ମୋ' ଭିତରେ ଆଶ୍ୱାସନା ଆଉ ରୂପାୟନ ଭିତରେ ଥିବା ଏକ ବଡ଼ ପାର୍ଥକ୍ୟକୁ ବେଶ୍ ପାଖରୁ ସ୍ପଷ୍ଟ କରିଦେଲା।

ନିଜେ ବୁଝିଗଲି ସତରେ ଏମାନେ ହିଁ ମାଟିର ପୁଅ, ଅମୃତ ସନ୍ତାନ, ଏମାନଙ୍କ ପାଇଁ ଆଶ୍ୱାସନା ଆଉ ରୂପାୟନ କେବଳ ଶବ୍ଦ ମାତ୍ର...ଆଉ ନିଜ ଚାଷଜମି ନିଜର ହାକିମ...ନା କ'ଣ କହୁଛନ୍ତି ? ? ?

*(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର, ଭଦ୍ରକ, ମୋ- ୯୪୩୮୪୬୭୦୭୯)*

# ବିଚାରପତି ଗତିକୃଷ୍ଣ ମିଶ୍ର





ଆଇନ ଅଦାଲତ ଦୁନିଆରେ ଜଷ୍ଟିସ ଗତିକୃଷ୍ଣ ମିଶ୍ର ଏକ ସୁପରିଚିତ ନାମ। ନିରପେକ୍ଷ, ନ୍ୟାୟପୂର୍ଣ୍ଣ ବିଚାର ପାଇଁ ସେ ପ୍ରସିଦ୍ଧ ଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ବିଜ୍ଞାନରେ ଇଣ୍ଟରମିଡ଼ିଏଟ ଉତ୍ତୀର୍ଣ୍ଣ ହେବା ପରେ, ପାଟନା ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକୋତ୍ତର ଓ ଆଇନ ପଢ଼ିଥିଲେ। ୧୯୪୦ରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ୧୯୪୩ରେ ମୁନସଫ ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ପରେ ଚାକିରିରୁ ଇସ୍ତଫା ଦେଇ ପୁନର୍ବାର ଓକିଲାତି କରିଥିଲେ। ଅସାଧାରଣ ପ୍ରତିଭା, କର୍ମନିଷ୍ଠା ଓ ପାରଦର୍ଶିତା ଯୋଗୁଁ ସରକାର, ତାଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେଇଥିଲେ। ୧୯୬୯ରେ ସେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଆସନ ଅଳଂକୃତ କରିଥିଲେ। ମୁଖ୍ୟ ବିଚାରପତି ଥିବାବେଳେ ୧୯୭୨ ଓ ୧୯୭୪ରେ ଆମ ରାଜ୍ୟର କାର୍ଯ୍ୟକାରୀ ରାଜ୍ୟପାଳ ଦାୟିତ୍ୱ ତୁଲାଇଥିଲେ। ନ୍ୟାୟ ବ୍ୟବସ୍ଥାରେ ପରିବର୍ତ୍ତନ ଓ ସଂସ୍କାର ଦ୍ୱାରା ଲୋକଙ୍କୁ ନ୍ୟାୟ ମିଳିପାରିବ ଏବଂ ଏଥିପାଇଁ ଓକିଲଙ୍କୁ ତାଲିମ ତଥା ତ୍ୱରାନ୍ୱିତ ବିଚାର ବ୍ୟବସ୍ଥା ପାଇଁ ଅଧିକ ଲୋକ ଅଦାଲତ ପ୍ରତିଷ୍ଠାର ଆବଶ୍ୟକତା ସପକ୍ଷରେ ସେ ଦୃଢ଼ ମତ ପୋଷଣ କରୁଥିଲେ। ୧୯୧୩ ଅକ୍ଟୋବର ୩୧ ତାରିଖ ଦିନରେ ଢ଼େଙ୍କାନାଳ ଜିଲ୍ଲା ଗଇଲୋ ଗ୍ରାମରେ ନ୍ୟାୟମୂର୍ତ୍ତି ଗତିକୃଷ୍ଣ ମିଶ୍ର ଜନ୍ମ ଗ୍ରହଣ କରିଥିଲେ। ଆଜିର ଭାରତର ନ୍ୟାୟିକ ବ୍ୟବସ୍ଥା ଓ ବିଳମ୍ବିତ ନ୍ୟାୟକୁ ନେଇ ଯେଉଁପରି ଉଦ୍‌ବେଗଜନକ ପରିସ୍ଥିତି ବେଳେ ବେଳେ ସୃଷ୍ଟି ହେଉଛି ଏପରି ସମୟରେ ବିଚାରପତି ଗତିକୃଷ୍ଣ ମିଶ୍ରଙ୍କ ଆଦର୍ଶଣୀୟ ବିଚାରବନ୍ତ ନ୍ୟାୟ ପଦ୍ଧତିର ଜୀବନ ପ୍ରତିଟି ଆଇନଜୀବୀଙ୍କ ପାଇଁ ସ୍ମରଣୀୟ। ତୀକ୍ଷ୍ଣ ବୁଦ୍ଧି ଆଇନର ସୂକ୍ଷ୍ମାତିସୂକ୍ଷ୍ମ ଓ ଜଟିଳ ଆଇନ କ୍ଷେତ୍ର ଉପରେ ତାଙ୍କର ଅଗାଧ୍ୟ ପାଣ୍ଡିତ୍ୟ ଥିଲା। ତାଙ୍କ ନିରଳସ, ନିରାଡ଼ମ୍ବର, ସରଳ ଜୀବନ ଓ ଯୁବ ଆଇନଜୀବୀଙ୍କ ପାଇଁ ସେ ଯେଉଁପରି ଉଚିତ ନ୍ୟାୟ ପଦ୍ଧତିର ମାର୍ଗ ଦେଖାଉଥିଲେ ତାହାକୁ ଆଜିର ଦିବସରେ ସ୍ମରଣ କରିବା ଅତ୍ୟନ୍ତ ପ୍ରାସଙ୍ଗିକ।

**ଯୁଧିଷ୍ଠିର ମହାରଣା, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮**

# ମହାକବି କାଳିଦାସ





ସଂସ୍କୃତ ଭାଷାର ମହାନ କବି ଓ ନାଟ୍ୟକାର କାଳିଦାସ। ତାଙ୍କ ରଚନାରେ ଭାରତୀୟ ଜୀବନ ଓ ଦର୍ଶନର ବିବିଧ ରୂପ ଓ ମୂଳ ତତ୍ତ୍ୱ ନିହିତ ହୋଇଛି। ନିଜର ହିନ୍ଦୀ ବିଶେଷତ୍ୱ ଯୋଗୁଁ ଅନେକ ବିଦ୍ୱାନ ତାଙ୍କୁ ଜାତୀୟ କବିର ଆସନ ଦେଇଛନ୍ତି। ଅଭିଜ୍ଞାନଶାକୁନ୍ତଳମ୍ କାଳିଦାସଙ୍କ ପ୍ରସିଦ୍ଧ କୃତି। ଏହି କୃତିକୁ ସର୍ବପ୍ରଥମ ୟୁରୋପୀୟ ଭାଷାରେ ଅନୁବାଦ କରାଯାଇଥିଲା। ସମଗ୍ର ବିଶ୍ୱ ସାହିତ୍ୟରେ ଏହାକୁ ଅଗ୍ରଣୀ ରଚନା ବୋଲି ମନେକରାଯାଏ। ମେଘଦୂତମ୍ ତାଙ୍କର ସର୍ବଶ୍ରେଷ୍ଠ ରଚନା। ନିଜର ସରଳ ଓ ମଧୁର ଭାଷା ପାଇଁ ସେ ବିଶେଷ ରୂପେ ପରିଚିତ। ତାଙ୍କର ପ୍ରକୃତି ବର୍ଣ୍ଣନାଶୈଳୀ ଅନନ୍ୟ। ବାକ୍ୟ ଉପମା ପାଇଁ ସେ ସ୍ୱତନ୍ତ୍ର ପରିଚିତ ପାଇଛନ୍ତି। ତାଙ୍କ ଆବିର୍ଭାବ ସ୍ଥାନ ଓ ସମୟକୁ ନେଇ ଅନେକ ବିବାଦ ଦେଖାଦେଇଛି। ଯେହେତୁ ଦ୍ୱିତୀୟ ଶୁଙ୍ଗ ଶାସକ ଅଗ୍ନିମିତ୍ରଙ୍କୁ ନାୟକ କରି କାଳିଦାସ ମାଳବିକାଗ୍ନିମିତ୍ରମ୍ ନାମକ ନାଟକ ରଚନା କରିଥିଲେ ଏବଂ ଅଗ୍ନିମିତ୍ର ଖ୍ରୀ.ପୂ. ୧୭୦ରେ ଶାସନ କରିଥିଲେ, ତେଣୁ ଏହା ପୂର୍ବରୁ ତାଙ୍କ ଆବିର୍ଭାବ ହୋଇନପାରେ ବୋଲି ଅନୁମାନ କରାଯାଇପାରେ। ପରମ୍ପରା ଅନୁସାରେ କାଳିଦାସ ଉଜ୍ଜୟିନୀର ରାଜା ବିକ୍ରମାଦିତ୍ୟଙ୍କ ସମକାଳୀନ। ତାଙ୍କ ରାଜଦରବାରରେ ସେ କବି ଥିଲେ। ବିକ୍ରମାଦିତ୍ୟଙ୍କ ନବରତ୍ନ ମଧ୍ୟରେ ତାଙ୍କୁ ଅନ୍ୟତମ ମନେକରାଯାଏ। ତାଙ୍କ ମହାକାବ୍ୟ କୁମାରସମ୍ଭବମ୍‌ରେ ଶିବ-ପାର୍ବତୀଙ୍କ ପ୍ରେମ ଓ କାର୍ତ୍ତିକେୟଙ୍କ ଜନ୍ମ କାହାଣୀ ଉଲ୍ଲେଖ ହୋଇଥିବାବେଳେ ରଘୁବଂଶମ୍‌ରେ ସେ ରଘୁକୁଳ ରାଜା ମାନଙ୍କ ବର୍ଣ୍ଣନା କରିଛନ୍ତି। ସେହିପରି ଏକାଧିକ ଖଣ୍ଡକାବ୍ୟ ମଧ୍ୟ ସେ ରଚନା କରିଛନ୍ତି। ଅକ୍ଟୋବର ୩୧ ତାରିଖ ଦିନକୁ କାଳିଦାସଙ୍କ ଜୟନ୍ତୀ ରୂପେ ପାଳନ କରାଯାଉଛି।

**ନାଟ୍ୟସାରଥି ଅଭୟ କୁମାର ଦାସ, ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**

